॥ श्रीहरिः ॥

ନଳ-ଦମୟନ୍ତୀ

नल-दमयन्ती (ओड़िआ)



GITA PRESS, GORAKHPUR

ଗୀତାପ୍ରେସ, ଗୋରକ୍ଷପୁର

Download From www.Odiabook.co.in

॥ ଶ୍ରୀହରିଃ ॥

ନଳ-ଦମୟନ୍ତୀ କଥା

କର୍କୋଟକସ୍ୟ ନାଗସ୍ୟ ଦମୟନ୍ତ୍ୟା ନଳସ୍ୟ ଚ ।
ଋତୁପର୍ଣ୍ଣସ୍ୟ ରାଜର୍ଷେଃ କୀର୍ତ୍ତନଂ କଳିନାଶନମ୍ ॥

ମହାତ୍ମା ଅର୍ଜୁନ ଅସ୍ତ୍ର ପାଇବା ପାଇଁ ଇନ୍ଦ୍ରଲୋକକୁ ଗଲାବେଳେ ପାଣ୍ଡବମାନେ କାମ୍ୟକ ବନରେ ବାସ କରୁଥିଲେ । ସେମାନେ ରାଜ୍ୟ ହରାଇ ଅର୍ଜ୍ଜୁନଙ୍କ ବିଚ୍ଛେଦରୁ ବଡ଼ ଦୁଃଖୀ ଥିଲେ । ଦିନକର କଥା, ପାଣ୍ଡବମାନେ ଦ୍ରୌପଦୀଙ୍କ ସହିତ ସେହି ବିଷୟରେ କିଛି ଆଲୋଚନା କରୁଥିଲେ । ଧର୍ମରାଜ ଯୁଧିଷ୍ଠିର ଭୀମସେନଙ୍କୁ ବୁଝାଉଥିବା ବେଳେ ମହର୍ଷି ବୃହଦଶ୍ୱ ସେମାନଙ୍କ ଆଶ୍ରମକୁ ଆସୁଥିବାର ଦେଖାଗଲା ।

ମହର୍ଷି ବୃହଦଶ୍ୱଙ୍କୁ ଦେଖି ଧର୍ମରାଜ ଯୁଧିଷ୍ଠିର ଆଗେଇ ଯାଇ ଶାସ୍ତ୍ର ବିଧି ଅନୁସାରେ ତାଙ୍କୁ ପୂଜାକଲେ, ଆସନରେ ବସାଇଲେ । ସେ ବିଶ୍ରାମ କରିସାରିବା ପରେ ଯୁଧିଷ୍ଠର ତାଙ୍କୁ ନିଜର ବୃତ୍ତାନ୍ତ କହିଲେ । ସେ କହିଲେ, "ମହାରାଜ ! କୌରବମାନେ କପଟ ବୁଦ୍ଧିରେ ମୋତେ ଛଳକରି ଡକେଇ ଏବଂ ଜୁଆ ଖେଳି ମୋ ଭଳି ଅଜାଣୁଆକୁ ହରାଇ ମୋଠୁ ସର୍ବସ୍ୱ ଛଡାଇ ନେଲେ । ଖାଲି ଏତିକି ନୁହେଁ, ସେମାନେ ମୋର ପ୍ରାଣପ୍ରିୟା ଦ୍ରୌପଦୀକୁ ଘୋଷାରି ଆଣି ପରିପୂର୍ଣ୍ଣ ସଭାରେ ତାକୁ ଅପମାନିତ କଲେ । ଶେଷରେ ସେମାନେ ଆମକୁ କଳା ମୃଗଛାଲ ପିନ୍ଧାଇ ଘୋର ବନକୁ ପଠାଇ ଦେଲେ । ହେ ମହର୍ଷି ! ଆପଣ ହିଁ କୁହନ୍ତୁ, ଏହି ପୃଥିବୀରେ ମୋ ଭଳି ଭାଗ୍ୟହୀନ ରାଜା ଆଉ କିଏ ଅଛି । ଆପଣ କ'ଣ ମୋ ଭଳି ଦୁଃଖୀ ଆଉ କେଉଁଠି ଦେଖିଛନ୍ତି କିବା ଶୁଣିଛନ୍ତି ?"

ମହର୍ଷି ବୃହଦଶ୍ୱ କହିଲେ - ହେ ଧର୍ମରାଜ ! ଆପଣଙ୍କର ଏପରି କହିବା ଠିକ୍ ନୁହେଁ ଯେ ମୋ ଭଳି ଦୁଃଖୀରାଜା ଆଉ କେହି ନାହାଁନ୍ତି; କାରଣ ମୁଁ ବ୍ୟକ୍ତିମାନଙ୍କ ମଧ୍ୟରେ ତୁମଠାରୁ ମଧ୍ୟ ଅଧିକ ଦୁଃଖି ଏବଂ ମନ୍ଦଭାଗ୍ୟ ରାଜାଙ୍କ ବୃତ୍ତାନ୍ତ ଜାଣିଛି । ତୁମର ଯଦି ଇଚ୍ଛା ହେବ ମୁଁ ଶୁଣାଇବି ।

Download From www.Odiabook.co.in

ଧର୍ମରାଜ ଯୁଧିଷ୍ଠିରଙ୍କର ଆଗ୍ରହ ଜାଣି ମହର୍ଷି ବୃହଦଶ୍ୱ କହିବା ଆରମ୍ଭ କଲେ ।

ଦମୟନ୍ତୀଙ୍କର ସ୍ୱୟମ୍ବର ଓ ବିବାହ

ହେ ଧର୍ମରାଜ ! ନିଷଧ ଦେଶରେ ବୀରସେନଙ୍କ ପୁତ୍ର ନଳ ନାମକ ଜଣେ ରାଜାଥିଲେ । ସେ ବଡ଼ ଗୁଣବାନ, ପରମ ସୁନ୍ଦର, ସତ୍ୟବାଦୀ, ଜିତେନ୍ଦ୍ରିୟ, ସମସ୍ତଙ୍କର ପ୍ରିୟ, ବେଦଜ୍ଞ ଏବଂ ବ୍ରାହ୍ମଣ ଭକ୍ତ ଥିଲେ । ତାଙ୍କର ଖୁବ ବଡ଼ ସେନା ଥିଲେ । ସେ ନିଜେ ମଧ୍ୟ ଅସ୍ତ୍ର ବିଦ୍ୟାରେ ଖୁବ୍ ପାରଙ୍ଗମ ଥିଲେ । ସେ ବୀର, ଯୋଦ୍ଧା, ଉଦାର ଏବଂ ପ୍ରବଳ ପରାକ୍ରମୀ ମଧ୍ୟ ଥିଲେ । ତାଙ୍କର ଜୁଆଖେଳରେ ମଧ୍ୟ କିଛି କିଛି ସଉକ ଥିଲା । ସେହି ସମୟରେ ବିଦର୍ଭ ଦେଶରେ ଭୀମ ନାମକ ଜଣେ ରାଜା ରାଜୁତି କରୁଥିଲେ । ସେ ମଧ୍ୟ ନଳଙ୍କ ଭଳି ସର୍ବ ଗୁଣ ସଂମ୍ପନ୍ନ ଏବଂ ପରାକ୍ରମୀ ଥିଲେ । ସେ ଦମନ ଋଷିଙ୍କୁ ପ୍ରସନ୍ନ କରି ତାଙ୍କ ବରଦାନରେ ଚାରୋଟି ସନ୍ତାନ ପ୍ରାପ୍ତ କରିଥିଲେ - ତିନିପୁତ୍ର ଏବଂ ଗୋଟିଏ କନ୍ୟା । ପୁତ୍ର ମାନଙ୍କର ନାମ ଥିଲା - ଦମ, ଦାନ୍ତ ଓ ଦମନ । କନ୍ୟାର ନାମଥିଲା - ଦମୟନ୍ତୀ । ଦମୟନ୍ତୀ ଲକ୍ଷ୍ମୀଙ୍କ ସମାନ ରୂପବତୀ ଥିଲେ । ତାଙ୍କର ନେତ୍ର ବିଶାଳ ଥିଲା । ଦେବତା ଏବଂ ଯକ୍ଷମାନଙ୍କ ମଧ୍ୟରେ ମଧ୍ୟ ଏପରି ସୁନ୍ଦରୀ କନ୍ୟା କାହିଁ ଦେଖିବାକୁ ମିଳୁ ନ ଥିଲେ । ସେହି ସମୟରେ ବିଦର୍ଭରୁ ଅନେକ ଲୋକ ନିଷଧ ଦେଶକୁ ଆସୁଥିଲେ ଏବଂ ରାଜା ନଳଙ୍କ ଆଗରେ ଦମୟନ୍ତୀଙ୍କ ରୂପ ଏବଂ ଗୁଣ କଥା କହୁଥିଲେ । ନିଷଧ ଦେଶରୁ ବିଦର୍ଭକୁ ଯିବା ଲୋକେ ମଧ୍ୟ ଦମୟନ୍ତୀଙ୍କ ଆଗରେ ରାଜା ନଳଙ୍କର ରୂପ, ଗୁଣ ଏବଂ ପବିତ୍ର ଚରିତ୍ର ବର୍ଣ୍ଣନା କରୁଥିଲେ । ଏହିପରି ଦୁଇଜଣଙ୍କ ହୃଦୟରେ ପରସ୍ପର ପ୍ରତି ଅନୁରାଗ ଅଙ୍କୁରିତ ହେଲା ।

ଦିନେ ରାଜା ନଳ ନିଜର ପ୍ରାସାଦ ଉଦ୍ୟାନରେ କିଛି ହଂସଙ୍କୁ ଦେଖିଲେ । ସେ ସେଥିରୁ ଗୋଟିଏ ହଂସକୁ ଧରି ପକାଇଲେ । ହଂସଟି କହିଲା - "ଆପଣ ଯଦି ମୋତେ ଛାଡି ଦେବେ ତାହାହେଲେ ଆମେ ଦମୟନ୍ତୀଙ୍କ ପାଖକୁ ଯାଇ ଆପଣଙ୍କର ଗୁଣ ଏପରି ବର୍ଣ୍ଣନା କରିବୁ ଯେ ସେ ନିଶ୍ଚୟ ଆପଣଙ୍କୁ ବରଣ କରିବେ । ନଳ ହଂସଟିକୁ ଛାଡିଦେଲେ । ତାପରେ ସେମାନେ ଉଡି ଉଡ଼ି ବିଦର୍ଭ ଦେଶକୁ ଗଲେ । ଦମୟନ୍ତୀ ନିଜ ପାଖରେ ହଂସମାନଙ୍କୁ ଦେଖି ବହୁତ ଖୁସି ହୋଇ ହଂସକୁ ଧରିବା ପାଇଁ

Download From www.Odiabook.co.in

ତାଙ୍କ ଆଡ଼କୁ ଦୌଡିଲେ । ଦମୟନ୍ତୀ ଯେଉଁ ହଂସଟିକୁ ଧରିବାପାଇଁ ଦୌଡନ୍ତି ସେ କହେ, ''ଆହେ ଦମୟନ୍ତୀ ! ନିଷଧ ଦେଶରେ ନଳ ନାମକ ଜଣେ ରାଜା ଅଛନ୍ତି । ସେ ଅଶ୍ୱିନୀକୁମାରଙ୍କ ଭଳି ସୁନ୍ଦର ଅଟନ୍ତି । ମନୁଷ୍ୟ ମାନଙ୍କ ମଧ୍ୟରେ ତାଙ୍କ ଭଳି ସୁନ୍ଦର ଆଉ କେହି ନାହାନ୍ତି । ସେ ମୂର୍ତ୍ତିମନ୍ତ କାମଦେବ ଅଟନ୍ତି । ତୁମେ ଯଦି ତାଙ୍କର ପତ୍ନୀ ହୋଇପାରିବ ତାହାହେଲେ ତୁମର ଜନ୍ମ ଏବଂ ରୂପ ଦୁଇଟି ଯାକ ସଫଳ ହୋଇଯିବ । ଆମ୍ଭେମାନେ ଦେବତା, ଗନ୍ଧର୍ବ, ସର୍ପ ଏବଂ ରାକ୍ଷସ ମାନଙ୍କୁ ବୁଲି ବୁଲି ଦେଖିଛୁ । ନଳଙ୍କ ସମାନ ସୁନ୍ଦର ପୁରୁଷ କେଉଁଠି ଦେଖିବାକୁ ପାଇନାହୁଁ । ତମେ ଯେପରି ସ୍ତ୍ରୀ ମାନଙ୍କ ମଧ୍ୟରେ ରତ୍ନ, ନଳ ସେହିପରି ପୁରୁଷ ମାନଙ୍କ ମଧ୍ୟରେ ଶ୍ରେଷ୍ଠ ଅଟନ୍ତି । ତୁମ ଦୁଇଜଣଙ୍କର ଯୋଡ଼ି ଖୁବ୍ ସୁନ୍ଦର ହେବ ।'' ଦମୟନ୍ତୀ କହିଲେ, ''ହଂସ, ତୁମେ ନଳଙ୍କୁ ମଧ୍ୟ ଏହିକଥା କହିବ । ହଂସମାନେ ନିଷଧ ଦେଶକୁ ଫେରି ନଳଙ୍କୁ ଦମୟନ୍ତୀଙ୍କର ସନ୍ଦେଶ ଦେଲେ ।

ଦମୟନ୍ତୀ ହଂସଙ୍କ ମୁହଁରୁ ରାଜା ନଳଙ୍କର କୀର୍ତ୍ତି ଶୁଣି ତାଙ୍କୁ ପ୍ରେମ କରିବାକୁ ଲାଗିଲେ । ତାଙ୍କର ଆସକ୍ତି ଏତେ ବଢିଗଲା ଯେ ସେ ରାତିଦିନ ତାଙ୍କୁ ହିଁ ଧ୍ୟାନ କରିବାରେ ଲାଗିଲେ । ତେଣୁ ତାଙ୍କ ତନୁ କ୍ଷୀଣ ହୋଇଗଲା ଏବଂ ସେ ବିବର୍ଣ୍ଣ ଦିଶିଲେ । ସେ ଅତି ଦୁଃଖିନୀ ଜଣାପଡ଼ିଲେ । ସଖୀମାନେ ଦମୟନ୍ତୀଙ୍କ ହୃଦୟର ଭାବ ଜାଣି ବିଦର୍ଭରାଜାଙ୍କୁ ନିବେଦନ କଲେ, ''ଆପଣଙ୍କର କନ୍ୟା ଅସୁସ୍ଥ ହୋଇଗଲାଣି'' । ରାଜା ଭୀମ ନିଜର କନ୍ୟା ସମ୍ବନ୍ଧରେ ଗଭୀର ବିଚାର କଲେ । ଶେଷରେ ଏହି ନିର୍ଣ୍ଣୟରେ ପହଞ୍ଚିଲେ ଯେ ମୋର କନ୍ୟା ବିବାହ-ଯୋଗ୍ୟ ହୋଇଗଲାଣି । ତେଣୁ ତାର ସ୍ୱୟମ୍ବର କରିଦେବା ଉଚିତ । ସେ ସମସ୍ତ ରାଜାଙ୍କୁ ସ୍ୱୟମ୍ବର ପାଇଁ ନିମନ୍ତ୍ରଣ ପତ୍ର ପଠାଇଲେ ଏବଂ ସୂଚାଇଦେଲେ । ରାଜାମାନେ ଦମୟନ୍ତୀର ସ୍ୱୟମ୍ବରରେ ଯୋଗଦାନ କରି ଲାଭ ଉଠାଇବା ସହିତ ମୋର ମନସ୍କାମନା ପୂର୍ଣ୍ଣ କରିବା ଉଚିତ୍ । ଏହା ଜାଣି ଦେଶ ବିଦେଶର ନରପତି ମାନେ ହାତୀ, ଘୋଡା ଏବଂ ରଥମାନଙ୍କର ଶବ୍ଦରେ ପୃଥିବୀକୁ ମୁଖରିତ କରି ସଦଳବଳେ ବିଦର୍ଭ ଦେଶରେ ପହଞ୍ଚିବାକୁ ଲାଗିଲେ । ଭୀମ ସମସ୍ତଙ୍କର ସ୍ୱାଗତ ସତ୍କାର ପାଇଁ ସମୁଚିତ ବ୍ୟବସ୍ଥା କଲେ ।

Download From www.Odiabook.co.in

ଦେବର୍ଷି ନାରଦ ଏବଂ ପର୍ବତ ଋଷିଙ୍କ ଦ୍ୱାରା ଦେବତାମାନଙ୍କୁ ମଧ୍ୟ ଦମୟନ୍ତୀଙ୍କର ସ୍ୱୟମ୍ବର ସମ୍ବାଦ ମିଳିଗଲା । ଇନ୍ଦ୍ର ଆଦି ସମସ୍ତ ଲୋକପାଳ ନିଜର ପାରିଷଦ ଏବଂ ବାହନଙ୍କ ସହିତ ବିଦର୍ଭ ଦେଶ ଆସିବାପାଇଁ ବାହାରି ପଡ଼ିଲେ । ରାଜା ନଳଙ୍କର ମନ ପ୍ରଥମରୁହିଁ ଦମୟନ୍ତୀଙ୍କ ପ୍ରତି ଆସକ୍ତ ଥିଲା । ସେ ମଧ୍ୟ ଦମୟନ୍ତୀଙ୍କ ସ୍ୱୟମ୍ବରରେ ସମ୍ମିଳିତ ହେବାପାଇଁ ବିଦର୍ଭ ଦେଶକୁ ଯାତ୍ରାକଲେ । ଦେବତା ମାନେ ସ୍ୱର୍ଗରୁ ଓହ୍ଲାଇବା ସମୟରେ ଦେଖିଲେ କାମଦେବ ସମାନ ସୁନ୍ଦର ରାଜାନଳ ଦମୟନ୍ତୀଙ୍କ ସ୍ୱୟମ୍ବରକୁ ଯାଉଛନ୍ତି । ନଳଙ୍କର ସୂର୍ଯ୍ୟ ସମକାନ୍ତି ଓ ରୂପଗାରିମା ଦେଖି ଦେବତାମାନେ ମଧ୍ୟ ଚକିତ ହୋଇଗଲେ । ସେମାନେ ଚିହ୍ନି ନେଲେ ଯେ ଏ ହେଉଛନ୍ତି ନଳ । ସେମାନେ ନିଜ ନିଜ ବିମାନକୁ ଆକାଶରେ ରଖି ତଳକୁ ଓହ୍ଲାଇ ନଳଙ୍କୁ କହିଲେ - "ରାଜେନ୍ଦ୍ର ନଳ ! ଆପଣ ବଡ଼ ସତ୍ୟବାଦୀ ଅଟନ୍ତି । ଆପଣ ଆମ୍ଭମାନଙ୍କୁ ସାହାଯ୍ୟ କରିବା ପାଇଁ ଦୂତ ହୋଇ ଯାଆନ୍ତୁ ।" 'ନଳ ପ୍ରତିଜ୍ଞା କଲେ ଏବଂ କହିଲେ 'କରିବି ।' ତାପରେ ପଚ୍ଚାରିଲେ, "ଆପଣମାନେ କିଏ ଓ ମୋତେ ଦୂତ କରି କେଉଁ କାମ କରାଇବାକୁ ଚାହାନ୍ତି ?" ଇନ୍ଦ୍ର କହିଲେ - "ଆମ୍ଭେମାନେ ଦେବତା ଅଟୁ । ମୁଁ ଇନ୍ଦ୍ର ଆଉ ଇଏ ଅଗ୍ନି, ବରୁଣ ଓ ଯମ ଅଟନ୍ତି । ଆମ୍ଭେମାନେ ଦମୟନ୍ତୀ ପାଇଁ ପାଇଁ ଏଠାକୁ ଆସିଛୁ । ଆପଣ ଆମର ଦୂତ ହୋଇ ଦମୟନ୍ତୀ ପାଖକୁ ଯାଆନ୍ତୁ ଏବଂ କୁହନ୍ତୁ, ଇନ୍ଦ୍ର ବରୁଣ, ଅଗ୍ନି ଓ ଯମଦେବତା ତୁମକୁ ବିବାହ କରିବା ପାଇଁ ଚାହାନ୍ତି । ଏମାନଙ୍କ ମଧ୍ୟରୁ ତୁମେ ଯାହାକୁ ଚାହୁଁଛ ପତି ରୂପରେ ସ୍ୱୀକାର କରିପାର ।" ନଳ ଦୁଇହାତ ଯୋଡ଼ି କହିଲେ "ଦେବରାଜ, ଆପଣମାନଙ୍କର ଓ ମୋର ସେଠାକୁ ଯିବାର ଲକ୍ଷ୍ୟହିଁ ଗୋଟିଏ । ସେଥି ପାଇଁ ଆପଣ ମୋତେ ଦୂତ କରି ସେଠାକୁ ପଠାଇବା ଉଚିତ ନୁହେଁ । ଯାହାର କୌଣସି ସ୍ତ୍ରୀକୁ ପତ୍ନୀରୂପରେ ପାଇବାକୁ ଇଚ୍ଛା ହୋଇ ସାରିଥିବ, ସେ ଭଲା କେମିତି ତାକୁ ଛାଡି ପାରିବ ଆଉ ତା ପାଖକୁ ଯାଇ ଏପରି କଥା କେମିତି କହି ପାରିବ ? ଆପଣମାନେ କୃପାକରି

Download From www.Odiabook.co.in

ଏ ବିଷୟରେ ମୋତେ କ୍ଷମା କରନ୍ତୁ । *ଦେବତାମାନେ କହିଲେ, - "ନଳ ! ତୁମେ ପ୍ରଥମରୁ ଆମ ପାଖରେ ପ୍ରତିଜ୍ଞା କରି ସାରିଛ ଯେ ତୁମେ ଆମ କାମ କରିବ । ଏବେ ପ୍ରତିଜ୍ଞା ଭଙ୍ଗ କରନାହିଁ । ଆଉ ବିଳମ୍ବ ନ କରି ତୁମେ ସେଠାକୁ ଯାଅ ।" ନଳ କହିଲେ, "ରାଜମହଲରେ ସବୁବେଳେ କଡ଼ା ପହରା ଥାଏ, ମୁଁ କେମିତି ଯାଇ ପାରିବି ।" ଇନ୍ଦ୍ର କହିଲେ - 'ଯାଅ, ତୁମେ ସେଠାକୁ ଯାଇ ପାରିବ ।' ଇନ୍ଦ୍ରଙ୍କର ଆଜ୍ଞାରେ ନଳ ରାଜମହଲକୁ ବିନା ବାଧାରେ ପ୍ରବେଶ କରି ଦମୟନ୍ତୀକୁ ଦେଖିଲେ । ଦମୟନ୍ତୀ ଓ ସଖୀମାନେ ମଧ୍ୟ ତାଙ୍କୁ ଦେଖି ଆବାକ୍ ହୋଇଗଲେ । ସେମାନେ ଏଇ ଅନୁପମ ସୁନ୍ଦର ପୁରୁଷକୁ ଦେଖି ମୁଗ୍ଧ ହୋଇଗଲେ ଓ ଲଜ୍ଜିତ ହୋଇ କିଛି କହି ପାରିଲେ ନାହିଁ ।

ଦମୟନ୍ତୀ ନିଜକୁ ସମ୍ଭାଳି ନେଇ ରାଜା ନଳଙ୍କୁ କହିଲେ, "ବୀର ! ତୁମେ ଦେଖିବାକୁ ଖୁବ ସୁନ୍ଦର ଏବଂ ନିର୍ଦ୍ଦୋଷ ଜଣା ପଡୁଛ । ପ୍ରଥମେ ନିଜର ପରିଚୟ ଦିଅ । ତୁମେ ଏଠାକୁ କେଉଁ ଉଦ୍ଦେଶ୍ୟରେ ଆସିଛ ଏବଂ ଆସିବା ସମୟରେ ଦ୍ୱାରପାଳ ମାନେ ତୁମକୁ ଦେଖି ପାଇଲେ ନାହିଁ କେମିତି ? ସେମାନଙ୍କର ଟିକିଏ ଭୁଲ୍ ହୋଇଗଲେ ମୋ ପିତା ସେମାନଙ୍କୁ କଠିନ ଦଣ୍ଡ ଦିଅନ୍ତି । ନଳ କହିଲେ, "କଲ୍ୟାଣି ! ମୁଁ ନଳ ଅଟେ । ଲୋକପାଳ ମାନଙ୍କର ଦୂତ ହୋଇ ତୁମପାଖକୁ ଆସିଛି । ସୁନ୍ଦରି ! ଇନ୍ଦ୍ର, ଅଗ୍ନି, ବରୁଣ ଓ ଯମ ଏ ଚାରିଜଣ ଦେବତା ତୁମକୁ ବିବାହ କରିବାକୁ ଚାହାନ୍ତି । ତୁମେ ଏମାନଙ୍କ ମଧ୍ୟରୁ ଯାହାକୁ ହେଲେ ଜଣେ ଦେବତାକୁ ନିଜର ପତି ରୂପରେ ବରଣ କର । ଏହି ସନ୍ଦେଶ ନେଇ କରି ମୁଁ ତୁମ ପାଖକୁ ଆସିଛି । ଯେତେବେଳେ ମୁଁ ତୁମ ମହଲରେ ପ୍ରବେଶ କଲି, ଏହି ଦେବତାମାନଙ୍କ ପ୍ରଭାବରେ ମୋତେ କେହି ଦେଖି ପାରିଲେ ନାହିଁ । ମୁଁ ଦେବତାମାନଙ୍କର ସନ୍ଦେଶ କହିଦେଲି । ଏବେ ତୁମର ଯାହା ଇଚ୍ଛା ହେଉଛି ତାହା କର ।" ଦମୟନ୍ତୀ ବଡ଼ ଶ୍ରଦ୍ଧାର ସହିତ ଦେବତା ମାନଙ୍କୁ ପ୍ରଣାମ କରି ମନ୍ଦ ମନ୍ଦ ହସି ନଳଙ୍କୁ କହିଲେ, "ନରେନ୍ଦ୍ର, ଆପଣ ମୋତେ ପ୍ରେମ

* କଥଂ ନୁ ଜାତସଂକଳ୍ପଃ ସ୍ତ୍ରିୟମୁତ୍ସୃଜତେ ପୁମାନ୍ । ପରାର୍ଥମୀଦୃଶଂ ବକ୍ତୁଂ ତତ୍ କ୍ଷମନ୍ତୁ ମହେଶ୍ୱରାଃ ॥
(ମହା. ବନ. ୫୫/୮)

Download From www.Odiabook.co.in

ଦୃଷ୍ଟିରେ ଦେଖନ୍ତୁ ଏବଂ ଆଜ୍ଞା କରନ୍ତୁ ମୁଁ ଯଥାଶକ୍ତି ଆପଣଙ୍କର କ'ଣ ସେବା କରିପାରିବି । ଆପଣ ମୋର ସ୍ୱାମୀ ! ମୁଁ ମୋର ସର୍ବସ୍ୱ ଏବଂ ନିଜେ ନିଜକୁ ଆପଣଙ୍କ ଚରଣ ତଳେ ସମର୍ପି ଦେଇଛି । ଆପଣ ମୋ ପ୍ରତି ବିଶ୍ୱାସପୂର୍ଣ୍ଣ ପ୍ରେମ କରନ୍ତୁ । ଯେଉଁଦିନରୁ ମୁଁ ହଂସମାନଙ୍କର କଥା ଶୁଣିଲି ସେହି ଦିନରୁ ମୁଁ ଆପଣଙ୍କ ପାଇଁ ବ୍ୟାକୁଳ । ଆପଣଙ୍କ ପାଇଁ ହିଁ ମୁଁ ରାଜାମାନଙ୍କୁ ଏକାଠି କରିଛି । ଯଦି ଆପଣ ଏହି ଦାସୀର ପ୍ରାର୍ଥନା ଅସ୍ୱୀକାର କରିବେ, ତାହାହେଲେ ମୁଁ ବିଷଖାଇ, ଅଗ୍ନିରେ ଜଳି, ପାଣିରେ ବୁଡ଼ି ବା ଫାଶିଦେଇ ଆପଣଙ୍କ ପାଇଁ ପ୍ରାଣ ହରାଇବି ।''

ରାଜା ନଳ କହିଲେ, ''ଯେତେବେଳେ ବଡ଼ ବଡ଼ ଲୋକପାଳ ତୁମର ପ୍ରଣୟ ପ୍ରାର୍ଥୀ, ସେତେବେଳେ ତୁମେ ମୋ ଭଳି ମନୁଷ୍ୟକୁ କାହିଁକି ଚାହୁଁଛ ? ସେହି ଐଶ୍ୱର୍ଯ୍ୟ ଶାଳୀ ଦେବତାମାନଙ୍କ ଚରଣ ରେଣୁ ସହିତ ମୁଁ ସମାନ ନୁହେଁ । ତୁମେ ନିଜ ମନ ତାଙ୍କ ଠାରେ ଲଗାଅ । ଦେବତାମାନଙ୍କର ଅପ୍ରିୟ ହେବାଦ୍ୱାରା ମନୁଷ୍ୟର ମୃତ୍ୟୁ ହୋଇଯାଏ । ତୁମେ ମୋତେ ରକ୍ଷାକର ଏବଂ ସେମାନଙ୍କୁ ବରଣ କର ।'' ନଳଙ୍କର କଥାଶୁଣି ଦମୟନ୍ତୀ ବିଚଳିତ ହୋଇଗଲେ । ତାଙ୍କର ଦୁଇନେତ୍ର ଅଶ୍ରୁସଜଳ ହୋଇଗଲା । ସେ କହିଲେ, ''ମୁଁ ସମସ୍ତ ଦେବତାଙ୍କୁ ପ୍ରଣାମ କରି ଆପଣଙ୍କୁ ହିଁ ପତି ରୂପରେ ବରଣ କରୁଛି । ଏହିଠାରେ ମୁଁ ସତ୍ୟ ଶପଥ କରୁଛି * ।'' ଏହି ସମୟରେ ଦମୟନ୍ତୀଙ୍କର ଶରୀର କମ୍ପିତ ହେଉଥିଲା ଏବଂ ସେ ଯୋଡ଼ହସ୍ତ ଥିଲେ ।

ରାଜାନଳ କହିଲେ, ''ଆଚ୍ଛା, ତୁମେ ତାହା ହିଁ କର । କିନ୍ତୁ କହିଲ ଦେଖି ମୁଁ ଏଠାକୁ ସେମାନଙ୍କର ଦୂତହୋଇ ସଂଦେଶ ପହଞ୍ଚାଇବା ପାଇଁ ଆସିଛି । ଯଦି ଏହି ସମୟରେ ମୁଁ ନିଜର ସ୍ୱାର୍ଥ ପାଇଁ କାମ କରିବି ତାହାହେଲେ କେଡ଼େ ମନ୍ଦକଥା ହେବ । ମୁଁ ନିଜର ସ୍ୱାର୍ଥ ସେତେବେଳେ ଦେଖିବି, ଯଦି ତାହା ଧର୍ମ ବିରୁଦ୍ଧ ହୋଇନଥିବ । ତୁମେ ମଧ୍ୟ ଏପରି କରିବା ଉଚିତ ।'' ଦମୟନ୍ତୀ ଗଦ୍‌ଗଦ୍ ସ୍ୱରରେ କହିଲେ, ''ନରେଶ୍ୱର ! ଏଥିପାଇଁ ଏକ ନିର୍ଦ୍ଦୋଷ ଉପାୟ ଅଛି । ସେହି ଅନୁସାରେ କାମକଲେ

* ଦେବେଭ୍ୟୋଽହଂ ନମସ୍କୃତ୍ୟ ସର୍ବେଭ୍ୟଃ ପୃଥିବୀପତେ । ବୃଣେ ତ୍ୱାମେବ ଭର୍ତାରଂ ସତ୍ୟମେତଦ୍ ବ୍ରବୀମି ତେ ॥
(ମହା. ବନ. ୫୩/୧୪)

Download From www.Odiabook.co.in

ଆପଣଙ୍କୁ କିଛି ଦୋଷ ଲାଗିବ ନାହିଁ । ସେହି ଉପାୟଟି ହେଲା ଆପଣ ଦେବତାମାନଙ୍କ ସହିତ ସ୍ୱୟମ୍ବର ମଣ୍ଡପକୁ ଆସନ୍ତୁ । ମୁଁ ସେମାନଙ୍କ ସମ୍ମୁଖରେ ଆପଣଙ୍କୁ ବରଣ କରିବି । ସେତେବେଳେ ତୁମକୁ ଦୋଷ ଲାଗିବ ନାହିଁ ।'' ଏବେ ରାଜାନଳ ଦେବତା ମାନଙ୍କ ପାଖକୁ ଆସିଲେ । ଦେବତାମାନେ ପଚ୍ଚରିବାରୁ ସେ କହିଲେ, ''ମୁଁ ଆପଣଙ୍କ ଆଜ୍ଞାରେ ଦମୟନ୍ତୀଙ୍କ ମହଲକୁ ଗଲି । ବାହାରେ ବୁଢ଼ା ଦ୍ୱାରପାଳ ପହରା ଦେଉଥିଲା, କିନ୍ତୁ ସେ ଆପଣମାନଙ୍କ ପ୍ରଭାବରେ ମୋତେ ଦେଖିପାରିଲା ନାହିଁ । କେବଳ ଦମୟନ୍ତୀ ଏବଂ ତାର ସଖୀମାନେ ମୋତେ ଦେଖିଲେ । ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ । ମୁଁ ଦମୟନ୍ତୀଙ୍କ ଆଗରେ ଆପଣଙ୍କ ବିଷୟରେ ବର୍ଣ୍ଣନା କଲି, କିନ୍ତୁ ସେତ ଆପଣ ମାନଙ୍କୁ ନ ଚ୍ହିଁ ମୋତେ ହିଁ ବରଣ କରିବା ପାଇଁ ଅଡ଼ି ବସିଲେ । ସେ କହିଲେ, ସବୁ ଦେବତା ଆପଣଙ୍କ ସହିତ ସ୍ୱୟମ୍ବରକୁ ଆସନ୍ତୁ । ମୁଁ ସେମାନଙ୍କ ଆଗରେ ହିଁ ଆପଣଙ୍କୁ ବରଣ କରିବି । ଏଥିରେ ଆପଣଙ୍କୁ ଦୋଷ ଲାଗିବ ନାହିଁ * ।' ମୁଁ ଆପଣଙ୍କ ଆଗରେ ସବୁକଥା କହିଦେଲି । ଶେଷ ପ୍ରମାଣ ଆପଣ ମାନେହିଁ ତ ରହିବେ ।

ରାଜା ଭୀମ ଶୁଭ ମୁହୂର୍ତ୍ତରେ ସ୍ୱୟମ୍ବରର ସମୟ ଠିକ୍ କଲେ ଏବଂ ଲୋକମାନଙ୍କୁ ସନ୍ଦେଶ ପଠାଇଲେ । ସବୁରାଜା ନିଜ ନିଜର ନିବାସ ସ୍ଥଳୀରୁ ଆସି ସ୍ୱୟମ୍ବର ମଣ୍ଡପରେ ଯଥା ସ୍ଥାନରେ ବସିବାକୁ ଲାଗିଲେ । ପୂରା ରାଜମଣ୍ଡପଟି ରାଜାମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଗଲା । ଯେତେବେଳେ ସମସ୍ତେ ନିଜ ନିଜର ଆସନରେ ବସିଲେ, ସୁନ୍ଦରୀ ଦମୟନ୍ତୀ ନିଜର ଅଙ୍ଗ କାନ୍ତିରେ ରାଜାମାନଙ୍କର ମନ ଏବଂ ନୟନକୁ ନିଜଆଡ଼କୁ ଆକର୍ଷିତ କରି ରଙ୍ଗ ମଣ୍ଡପକୁ ଆଗମନ କଲେ । ରାଜାମାନଙ୍କରର ପରିଚୟ ପ୍ରଦାନ କରାଗଲା ଦମୟନ୍ତୀ ଜଣ ଜଣକୁ ଦେଖିକରି ଆଗକୁ ଚ୍ଲିଲେ । ଆଗରେ ଗୋଟିଏ ସ୍ଥାନରେ ନଳଙ୍କ ସମାନ ଆକାର ଏବଂ ବେଶଭୂଷାରେ ପାଞ୍ଚ ଜଣ ରାଜା ଏକାଠି ବସିଥିଲେ । ଦମୟନ୍ତୀଙ୍କୁ ସନ୍ଦେହ ହେଲା, ସେ ରାଜା ନଳଙ୍କୁ ଚିହ୍ନି ପାରିଲେ ନାହିଁ । ସେ ଯାହାକୁ ଦେଖୁଆନ୍ତି, ସେ ନଳ ଭଳି ଜଣାପଡୁଆନ୍ତି । ତେଣୁ ସେ ଚିନ୍ତା କରିବାକୁ ଲାଗିଲେ, ''ମୁଁ ଦେବତାମାନଙ୍କୁ

* ତେଷାମହଂ ସଂନିଧୌ ତ୍ୱାଂ ବରୟିଷ୍ୟାମି ନୈଷଧ । ଏବଂ ତବ ମହାବାହୋ ଦୋଷୋ ନ ଭବିତେତି ହ ।।
(ମହାଂ ବନଂ ୫୩/୩୦)

Download From www.Odiabook.co.in

କିପରି ଚିହ୍ନିବି ଏବଂ ନଳରାଜା କିଏ କେମିତି ଜାଣିବି ?'' ତାଙ୍କୁ ବହୁତ ଦୁଃଖ ହେଲା । ଶେଷରେ ଦମୟନ୍ତୀ ସ୍ଥିର କଲେ ଯେ ଦେବତାମାନଙ୍କ ଶରଣ ଯିବା ଉଚିତ୍ ହେବ । ତେଣୁ ସେ ହାତ ଯୋଡ଼ି ପ୍ରଣାମ କରି ଜଣାଇଲେ ''ଦେବଗଣ ! ହଂସମାନଙ୍କର ମୁହଁରୁ ନଳଙ୍କର ବର୍ଣ୍ଣନା ଶୁଣି ମୁଁ ତାଙ୍କୁ ପତି ରୂପରେ ବରଣ କରି ନେଇଛି । ମୁଁ ମନ ଏବଂ ବାକ୍ୟରେ ନଳଙ୍କ ବ୍ୟତୀତ ଆଉ କାହାକୁ ଚ୍ଚହେଁ ନାହିଁ । ଦେବତାମାନେ ନିଷଧେଶ୍ୱର ନଳଙ୍କୁ ହିଁ ମୋର ପତି କରିଦେଇଛି ତଥା ନଳଙ୍କର ଆରାଧନା ପାଇଁ ହିଁ ଏଠାରେ ମୁଁ ବ୍ରତ ଆରମ୍ଭ କରିଛି । ମୋର ଏହି ସତ୍ୟ ଶପଥବଳ ଦ୍ୱାରା ଦେବତାମାନେ ମୋତେ ତାଙ୍କୁହିଁ ଦେଖାଇଦିଅନ୍ତୁ । ଐଶ୍ୱର୍ଯ୍ୟଶାଳୀ ଦେବଗଣ ! ଆପଣମାନେ ନିଜର ରୂପ ପ୍ରକଟ କରନ୍ତୁ, ଯଦ୍ଦ୍ୱାରା ମୁଁ ପୁଣ୍ୟଶ୍ଳୋକ ନରପତି ନଳଙ୍କୁ ଚିହ୍ନପାରିବି । ଦେବତାମାନେ ଦମୟନ୍ତୀଙ୍କର ଏପରି କରୁଣ ବିଳାପ ଶୁଣିଲେ । ତାଙ୍କର ଦୃଢ଼ତା, ସତ୍ୟପ୍ରେମ, ଆତ୍ମଶୁଦ୍ଧି, ବୁଦ୍ଧି, ଭକ୍ତି ଏବଂ ନଳପରାୟଣତାକୁ ଦେଖିକରି ସେମାନେ ତାଙ୍କୁ ଏପରି ଶକ୍ତିଦେଲେ, ଯାହାଦ୍ୱାରା ସେ ଦେବତା ଏବଂ ମନୁଷ୍ୟ ମଧ୍ୟରେ ଥିବା ପ୍ରଭେଦ ଜାଣିପାରିଲେ । ଦମୟନ୍ତୀ ଦେଖିଲେ ଦେବତାଗଣଙ୍କ ଶରୀରରେ ଝାଳନାହିଁ । ଆଖିର ପଲକ ପଡୁନାହିଁ । ସେମାନଙ୍କ ଗଳାରେ ପଡିଥିବା ଫୁଲହାର ମଉଳି ଯାଇନାହିଁ । ଶରୀରରେ ମଇଳା ନାହିଁ । ସେମାନେ ସିଂହାସନରେ ବସିଛନ୍ତି, ଅଥଚ ସେମାନଙ୍କ ପାଦ ଭୂମିରେ ସ୍ପର୍ଶ କରୁନାହିଁ । ସେମାନଙ୍କର ଛାଇ ମଧ୍ୟ ପଡୁନାହିଁ । ଏଠାରେ ନଳଙ୍କ ଶରୀରର ଛାୟା ପଡୁଅଛି । ମାଳା ମଉଳି ଯାଇଛି । ଶରୀର ଉପରେ କିଛି ମଇଳା ଏବଂ ଝାଳ ମଧ୍ୟ ଅଛି । ଆଖିର ପଲକ ବାରବାର ପଡୁଛି ଏବଂ ପୃଥିବୀକୁ ଛୁଇଁ

---

* ବାଗ୍ଭ ଚ ମନସା ଚୈବ ନମସ୍କାରଂ ପ୍ରଯୁଜ୍ୟ ସା । ଦେବେଭ୍ୟଃ ପ୍ରାଞ୍ଜଳିର୍ଭୂତ୍ୱା ବେପମାନେଦମବ୍ରବୀତ୍ ॥
ହଂସାନାଂ ବଚନଂ ଶ୍ରୁତ୍ୱା ଯଥା ମେ ନୈଷଧୋ ବୃତଃ । ପତିତ୍ୱେ ତେନ ସତ୍ୟେନ ଦେବାସ୍ତଂ ପ୍ରଦିଶନ୍ତୁ ମେ ॥
ମନସା ବଚସା ଚୈବ ଯଥା ନାଭିଚରାମ୍ୟହମ୍ । ତେନ ସତ୍ୟେନ ବିବୁଧାସ୍ତମେବ ପ୍ରଦିଶନ୍ତୁ ମେ ॥
(ମହା. ବନ. ୫୭/୧୬-୧୮)

Download From www.Odiabook.co.in

କରି ସେ ରହିଛନ୍ତି । ଦମୟନ୍ତୀ ଏହିସବୁ ଲକ୍ଷଣରୁ ଦେବତାମାନଙ୍କୁ ଏବଂ ପୁଣ୍ୟଶ୍ଳୋକ ନଳଙ୍କୁ ଚିହ୍ନିନେଲେ । ଏହାପରେ ସେ ଧର୍ମାନୁସାରେ ନଳକୁ ବରଣ କଲେ । ଦମୟନ୍ତୀ ଟିକିଏ ସଙ୍କୋଚରେ ଓଢ଼ଣା ଖୋଲି ନଳଙ୍କ ଉପରେ ବରଣ ମାଳା ଲମ୍ବାଇ ଦେଲେ । ଦେବତା ଏବଂ ମହର୍ଷିମାନେ ସାଧୁ ସାଧୁ କହିଲେ । ରାଜାମାନଙ୍କ ମଧ୍ୟରେ ହାହାକାର ପଡିଗଲା ।

ରାଜାନଳ ଆନନ୍ଦାତିରେକରେ ଦମୟନ୍ତୀଙ୍କୁ ଅଭିନନ୍ଦନ କଲେ । ସେ କହିଲେ-'କଲ୍ୟାଣି ! ତୁମେ ଦେବତାମାନଙ୍କୁ ବରଣ ନ କରି ମୋତେ ବରଣ କଲ, ତେଣୁ ତୁମେ ମୋତେ ପ୍ରେମ ପରାୟଣ ପତି ରୂପେ ପାଇବ । ମୁଁ ତୁମର କଥା ମାନିବି । ଯେପର୍ଯ୍ୟନ୍ତ ମୋ ଶରୀରରେ ପ୍ରାଣ ରହିବ, ସେପର୍ଯ୍ୟନ୍ତ ମୁଁ ତୁମକୁ ପ୍ରେମ କରିବି - ଏହା ମୁଁ ତୁମକୁ ସତ୍ୟଶପଥ କରି କହୁଛି । ଦୁଇଜଣ ପରସ୍ପରକୁ ପ୍ରେମପୂର୍ଣ୍ଣ ଭାବରେ ଅଭିନନ୍ଦନ କରି ଇନ୍ଦ୍ର ଆଦି ଦେବତାମାନଙ୍କର ଶରଣ ଗଲେ । ଦେବତାମାନେ ମଧ୍ୟ ବହୁତ ପ୍ରସନ୍ନ ହେଲେ । ସେମାନେ ନଳଙ୍କୁ ଆଠଟି ବର ପ୍ରଦାନ କଲେ । ଇନ୍ଦ୍ର କହିଲେ , "ନଳ ! ତୁମକୁ ଯଜ୍ଞରେ ମୋର ଦର୍ଶନ ମିଳିବ ଏବଂ ଉତ୍ତମ ଗତି ପ୍ରାପ୍ତ ହେବ ।" ଅଗ୍ନି କହିଲେ-"ଯେଉଁ ଠାରେ ମୋତେ ସ୍ମରଣ କରିବ, ସେହିଠାରେ ମୁଁ ପ୍ରକଟ ହେବି ଏବଂ ମୋ ଭଳି ପ୍ରକାଶମୟ ଲୋକ ତୁମକୁ ପ୍ରାପ୍ତ ହେବ ।" ଯମରାଜ କହିଲେ, ତୁମ ଦ୍ୱାରା ପ୍ରସ୍ତୁତି ହୋଇଥିବା ଖାଦ୍ୟ ବହୁତ ସୁଆଦିଆ ହେବ ଏବଂ ତୁମେ ନିଜ ଧର୍ମରେ ଦୃଢ଼ ରହିବ ।" ବରୁଣ କହିଲେ, "ଯେଉଁଠାରେ ତୁମେ ଚ୍ହିଁବ, ସେଠାରେ ଜଳ ପ୍ରକଟ ହୋଇଯିବ । ତୁମର ମାଳା ସୁଗନ୍ଧିତ ହୋଇ ରହିବ ।" ଏହିପରି ଦୁଇଟି ଲେଖାଏଁ ବରଦେଇ ସବୁ ଦେବତା ନିଜ ନିଜ ଲୋକକୁ ପ୍ରସ୍ଥାନ କଲେ । ନିମନ୍ତ୍ରିତ ରାଜାମାନେ ମଧ୍ୟ ବିଦାହୋଇ ଗଲେ । ଭୀମ

---

* ସାପଶ୍ୟଦ୍ ବିବୁଧାନ୍ ସର୍ବାନସ୍ୱେଦାନ୍ ସ୍ତବ୍ଧଲୋଚନାନ୍ ।
ହୃଷିତସ୍ରଗ୍ରଜୋହୀନାନ୍ ସ୍ଥିତାନସ୍ପୃଶତଃ କ୍ଷିତିମ୍ ॥

(ମହା. ବନ. ୫୭/୨୪)

Download From www.Odiabook.co.in

ପ୍ରସନ୍ନତାପୂର୍ବକ ଦମୟନ୍ତୀଙ୍କର ନଳଙ୍କ ସହିତ ବିଧିପୂର୍ବକ ବିବାହ କରିଦେଲେ । ରାଜାନଳ କିଛିଦିନ ପାଇଁ ବିଦର୍ଭ ଦେଶର ରାଜଧାନୀ କୁଣ୍ଡିନପୁରରେ ରହିଲେ । ତାପରେ ଭୀମଙ୍କ ଠାରୁ ଅନୁମତି ନେଇ ନିଜର ପତ୍ନୀ ଦମୟନ୍ତୀଙ୍କ ସହିତ ନିଜ ରାଜଧାନୀକୁ ଫେରିଗଲେ । ରାଜା ନଳ ନିଜର ରାଜ୍ୟରେ ଧର୍ମ ଅନୁସାରେ ପ୍ରଜାପାଳନ କଲେ । ପ୍ରକୃତରେ ତାଙ୍କ ଦ୍ୱାରା "ରାଜା" ନାମ ସାର୍ଥକ ହୋଇଥିଲା । ସେ ଅଶ୍ୱମେଧ ଆଦି ବହୁତ ଯଜ୍ଞ କଲେ । ସମୟ କ୍ରମେ ଦମୟନ୍ତୀଙ୍କ ଗର୍ଭରୁ ଇନ୍ଦ୍ରସେନ ନାମକ ପୁତ୍ର, ଇନ୍ଦ୍ରସେନା ନାମ୍ନୀ କନ୍ୟା ଜନ୍ମ ନେଲେ ।

—*—

କଳିଯୁଗର ପ୍ରଭାବ ଜୁଆରରେ ନଳଙ୍କର ପରାଜୟ ଏବଂ ନଗରରୁ ନିର୍ବାସନ

ମହର୍ଷି ବୃହଦଶ୍ୱ କହିଲେ - ଯୁଧିଷ୍ଠିର ! ଯେଉଁ ସମୟରେ ଇନ୍ଦ୍ର ଆଦି ଦେବତା ମାନେ ଦମୟନ୍ତୀଙ୍କ ସ୍ୱୟମ୍ବରରୁ ଫେରି ନିଜ ନିଜ ଲୋକକୁ ପ୍ରସ୍ଥାନ କରୁଥିଲେ, ସେହି ସମୟରେ ବାଟରେ ତାଙ୍କର କଳିଯୁଗ ଏବଂ ଦ୍ୱାପର ଯୁଗ ସହିତ ଭେଟ ହୋଇଗଲା । ଇନ୍ଦ୍ର ପଚ୍ଚାରିଲେ, କଳିଯୁଗ ! କୁଆଡେ ଯାଉଛ ?" କଳିଯୁଗ କହିଲେ - "ମୁଁ ଦମୟନ୍ତୀଙ୍କ ସ୍ୱୟମ୍ବରକୁ ତାଙ୍କୁ ବିବାହ କରିବା ପାଇଁ ଯାଉଛି ।" ଇନ୍ଦ୍ର ହସି କରି କହିଲେ - "ଆହେ ! ସେଠାକାର ସ୍ୱୟମ୍ବର କେତେବେଳୁ ସରିଲାଣି । ଦମୟନ୍ତୀ ରାଜା ନଳଙ୍କୁ ବରଣ କଲେ । ଆମ୍ଭେମାନେ ବଳବାନ ହୋଇ ମଧ୍ୟ ରହିଗଲୁ ।" କଳିଯୁଗ କ୍ରୋଧ ପରବଶ ହୋଇ କହିଲେ, "ଆହେ, ଇଏତ ବଡ଼ ଅନର୍ଥ ହୋଇଗଲା । ଦେବତାମାନଙ୍କୁ ଉପେକ୍ଷା କରି ସେ ମନୁଷ୍ୟକୁ ଆପଣେଇଲା, ତେଣୁ ତାକୁ ଦଣ୍ଡ ଦେବା ଉଚିତ ।" ଦେବତାମାନେ କହିଲେ, "ଦମୟନ୍ତୀ ଆମର ଆଜ୍ଞାପାଇ ନଳକୁ ବରଣ କଲା । ବାସ୍ତବରେ

Download From www.Odiabook.co.in

ସର୍ବଗୁଣ ସମ୍ପନ୍ନ ନଳ ତା ଯୋଗ୍ୟ ଅଟନ୍ତି । ସେ ସମସ୍ତ ଧର୍ମ ଜାଣିଛନ୍ତି ଓ ସଦାଗ୍ୱରୀ ଅଟନ୍ତି । ସେ ଇତିହାସ-ପୁରାଣ ସହିତ ବେଦକୁ ମଧ୍ୟ ଅଧ୍ୟୟନ କରିଛନ୍ତି । ସେ ଧର୍ମାନୁସାରେ ଯଜ୍ଞରେ ଦେବତାମାନଙ୍କୁ ତୃପ୍ତ କରନ୍ତି । କେତେବେଳେ ହେଲେ କାହାରିକୁ ହଇରାଣ କରନ୍ତି ନାହିଁ । ସତ୍ୟନିଷ୍ଠ ନଳ ଦୃଢ ମନୋବଳଯୁକ୍ତ ଅଟନ୍ତି । ତାଙ୍କର ଚତୁରତା, ଧୈର୍ଯ୍ୟ, ଜ୍ଞାନ, ତପସ୍ୟା, ପବିତ୍ରତା, ରାଜନୀତି ଏବଂ ଶାସନ ଦେବତାମାନଙ୍କ ସମାନ ଅଟେ । ତାଙ୍କୁ ଶାପ ଦେବାଟା ପୂତିଗନ୍ଧମୟ ନରକରେ ପଡ଼ିବା ସହିତ ସମାନ ।'' ଏହା କହି ଦେବତାମାନେ ଗ୍ୱଲିଗଲେ * ।

ଏବେ କଳିଯୁଗ ଦ୍ୱାପରକୁ କହିଲେ, ''ଭାଇ ! ମୁଁ ମୋର କ୍ରୋଧକୁ ଶାନ୍ତ କରି ପାରୁ ନାହିଁ । ଏଣୁ ମୁଁ ନଳର ଶରୀରରେ ନିବାସ କରିବି । ମୁଁ ତାକୁ ରାଜ୍ୟଚ୍ୟୁତ କରିଦେବି । ସେ ଦମୟନ୍ତୀ ସହିତ ରହି ପାରିବ ନାହିଁ । ତେଣୁ ତୁମେ ମଧ୍ୟ ଜୁଆ ପଶାରେ ପ୍ରବେଶ କରି ମୋର ସହାୟତା କର ।'' ଦ୍ୱାପର ତାର କଥାକୁ ସ୍ୱୀକାର କଲେ । ଦ୍ୱାପର ଏବଂ କଳିଯୁଗ ଦୁଇଜଣ ନଳଙ୍କ କୌଣସି ଦୋଷ ଦେଖିବା ପାଇଁ ପ୍ରତୀକ୍ଷା କରି ରହିଲେ । ଦିନେ ରାଜାନଳ ସନ୍ଧ୍ୟା ସମୟରେ ବିନା ସଂକୋଚରେ ପାଦ ନ ଧୋଇ ସନ୍ଧ୍ୟା ବନ୍ଦନା କରି ବସିଗଲେ ।[୧] ଏପରି ଅପବିତ୍ର ଅବସ୍ଥା ଦେଖିକରି କଳିଯୁଗ ତାଙ୍କ ଶରୀରରେ ପ୍ରବେଶ କରିଗଲା । ଏହା ପରେ ଅନ୍ୟ ଏକ ରୂପ ଧାରଣ କରି ସେ ପୁଷ୍କର ପାଖକୁ ଯାଇ କହିଲା, ''ତୁମେ ନଳ ସହିତ ଜୁଆଖେଳ ଏବଂ ମୋର ସହାୟତାରେ ଜୁଆରେ ରାଜା ନଳଙ୍କୁ ଜିତି ତାଙ୍କଠାରୁ ନିଷଧ ରାଜ୍ୟ ପ୍ରାପ୍ତ ହୁଅ ।'' ପୁଷ୍କର ତାଙ୍କ କଥା ସ୍ୱୀକାର କରି

---

* ଏବଂଗୁଣଂ ନଳଂ ଯୋ ବୈ କାମୟେଚ୍ଛପିତୁଂ କଳେ । କୃଚ୍ଛ୍ରେ ସ ନରକେ ମଜ୍ଜେଦଗାଧେ ବିପୁଳେ ହ୍ରଦେ ।
ଏବମୁକ୍ତ୍ୱା କଳିଂ ଦେବା ଦ୍ୱାପରଂ ଚ ଦିବଂ ଯଯୁଃ ॥
(ମହା. ବନ. ୪୮/୧୨)

୧ ସ ନିତ୍ୟମନ୍ତରପ୍ରେପ୍ସୁର୍ନିଷଧେଷ୍ୱବସଚ୍ଚିରମ୍ । ଅଥାସ୍ୟ ଦ୍ୱାଦଶେ ବର୍ଷେ ଦଦର୍ଶ କଳିରନ୍ତରମ୍ ।
କୃତ୍ୱା ମୂତ୍ରମୁପସ୍ପୃଶ୍ୟ ସଂଧ୍ୟାମନ୍ୱାସ୍ତ ନୈଷଧଃ । ଅକୃତ୍ୱା ପାଦୟୋଃ ଶୌଚଂ ତତ୍ରୈନଂ କଳିରାବିଶତ୍ ॥
(ମହା. ବନ. ୫୯/୨,୩)

Download From www.Odiabook.co.in

ନଳଙ୍କୁ ପାଖକୁ ଗଲା । ଦ୍ୱାପର ମଧ୍ୟ ପଶାରୂପ ଧାରଣ କରି ସେମାନଙ୍କ ସାଥି ହୋଇଗଲା । ଯେତେବେଳେ ପୁଷ୍କର ରାଜା ନଳଙ୍କୁ ତାଙ୍କ ସହିତ ଜୁଆ ଖେଳିବା ପାଇଁ ଆଗ୍ରହ ପ୍ରକାଶ କଲା, ସେତେବେଳେ ରାଜା ନଳ ଦମୟନ୍ତୀଙ୍କ ଆଗରେ ନିଜ ଭାଇର ବାର ବାର ଆମନ୍ତ୍ରଣକୁ ସହି ପାରିଲେ ନାହିଁ । ସେ ସେହି ସମୟରେ ପଶା ଖେଳିବା ପାଇଁ ସ୍ଥିର କରିନେଲେ । ସେ ସମୟରେ ନଳଙ୍କ ଶରୀରରେ କଳି ପ୍ରବେଶ କରି ସାରିଥିଲେ । ତେଣୁ ରାଜାନଳ ସୁନା, ରୂପା, ରଥ, ବାହନ ଆଦି ଯାହାକିଛି ବାଜିରେ ଲଗାଉ ଥିଲେ ସେ ସବୁରେ ହାରି ଯାଉଥିଲେ । ପ୍ରଜାଗଣ ଏବଂ ମନ୍ତ୍ରୀମାନେ ବଡ଼ ବ୍ୟାକୁଳତାର ସହିତ ଏକତ୍ରିତ ହୋଇ ରାଜାନଳଙ୍କ ଜୁଆ ଖେଳ ବନ୍ଦ କରିବା ପାଇଁ ଚାହିଁଲେ ଏବଂ ଆସି ଫାଟକ ପାଖରେ ଛିଡା ହୋଇଗଲେ । ସେମାନଙ୍କର ଅଭିପ୍ରାୟ ଜାଣିପାରି ଦ୍ୱାରପାଳ ରାଣୀ ଦମୟନ୍ତୀଙ୍କ ପାଖକୁ ଯାଇ କହିଲା, "ଆପଣ ମହାରାଜାଙ୍କୁ ନିବେଦନ କରନ୍ତୁ - ଆପଣ ଧର୍ମ ଏବଂ ଅର୍ଥ ତତ୍ୱଜ୍ଞ ଅଟନ୍ତି । ଆପଣଙ୍କର ସମସ୍ତ ପ୍ରଜା ଆପଣଙ୍କ ଦୁଃଖ ସହି ନ ପାରି ଫାଟକ ପାଖରେ ଆସି ଛିଡ଼ା ହୋଇଛନ୍ତି ।" ଦମୟନ୍ତୀ ନିଜେ ଦୁଃଖରେ ମ୍ରିୟମାଣ ହୋଇ ଅଚେତ ହୋଇ ଯାଇଥିଲେ । ସେ ଶୋକପୂର୍ଣ୍ଣ ଚକ୍ଷୁରେ ଶୋକାକୁଳ କଣ୍ଠରେ ମହାରାଜାଙ୍କୁ ନିବେଦନ କଲେ, "ସ୍ୱାମୀ ! ନଗରର ରାଜଭକ୍ତ ପ୍ରଜା ଏବଂ ମନ୍ତ୍ରୀମାନେ ଆପଣଙ୍କୁ ଦେଖା କରିବା ପାଇଁ ଆସିଛନ୍ତି ଓ ମୁଖ୍ୟ ଦ୍ୱାର ପାଖରେ ଠିଆ ହୋଇଛନ୍ତି । ଆପଣ ସେମାନଙ୍କ ସହ ଟିକେ ଦେଖାକରନ୍ତୁ ।" କିନ୍ତୁ ନଳ କଳିଯୁଗ ଦ୍ୱାରା ପ୍ରଭାବିତ ହୋଇ କିଛି କହି ପାରିଲେ ନାହିଁ । ମନ୍ତ୍ରୀ ମଣ୍ଡଳୀ ଏବଂ ପ୍ରଜାଗଣ ଶୋକାକୁଳ ହୋଇ ଫେରିଗଲେ । ପୁଷ୍କର ଏବଂ ନଳଙ୍କର କେତେମାସ ପର୍ଯ୍ୟନ୍ତ ଜୁଆଖେଳ ଚାଲିଲା, ରାଜା ନଳ ବରାବର ହାରିଲେ । ନଳ ରାଜା ଜୁଆରେ ଯେଉଁ ପଶା ପକାନ୍ତି, ପଶା ସବୁବେଳେ ତାଙ୍କର ପ୍ରତିକୂଳରେ ପଡେ । ସମସ୍ତ ଧନ ସେ ହରାଇଲେ । ଯେତେବେଳେ ଦମୟନ୍ତୀ ଏ ବିଷୟରେ ଜାଣିଲେ, ସେତେବେଳେ ସେ ବୃହତ୍ସେନା ନାମକ ଧାଈ ଦ୍ୱାରା ରାଜା ନଳଙ୍କର ସାରଥି ବାର୍ଷ୍ଣେୟକୁ ଡକାଇ କହିଲେ -

Download From www.Odiabook.co.in

''ସାରଥି ! ତୁମେ ରାଜାଙ୍କର ପ୍ରିୟପାତ୍ର ଅଟ । ବର୍ତ୍ତମାନ ଏକଥା ତୁମକୁ ଅଛପା ନାହିଁ ଯେ ମହାରାଜା ବଡ଼ ସଂକଟରେ ପଡିଯାଇଛନ୍ତି । ତେଣୁ ତୁମେ ଘୋଡାକୁ ରଥରେ ଯୋଚି ମୋର ଦୁଇପିଲାଙ୍କୁ ବସାଇ କୁଣ୍ଡିନଗରକୁ ନେଇଯାଅ । ତୁମେ ରଥ ଏବଂ ଘୋଡାଙ୍କୁ ମଧ୍ୟ ସେଠାରେ ଛାଡ଼ିଦେବ । ଯଦି ତୁମର ଇଚ୍ଛା ହୁଏ ତୁମେ ରହିପାର । ନଚେତ୍ ଅନ୍ୟ କେଉଁଠିକି ଚାଲିଯିବ ।'' ସାରଥି ଦମୟନ୍ତୀଙ୍କର କହିବାନୁସାରେ ମନ୍ତ୍ରୀଙ୍କ ସହିତ ପରାମର୍ଶ କରି ପିଲାମାନଙ୍କୁ କୁଣ୍ଡୀନପୁରରେ ପହଞ୍ଚାଇ ଦେଲେ । ରଥ ଏବଂ ଘୋଡ଼ା ସେଠାରେ ଛାଡ଼ିଦେଇ ସେ ନିଜେ ସେଠାରୁ ଚାଲି ଚାଲି ଯାଇ ଅଯୋଧ୍ୟାରେ ପହଞ୍ଚିଲେ ଏବଂ ସେଠାରେ ରାଜା ଋତୁପର୍ଣ୍ଣଙ୍କ ପାଖରେ ସାରଥି ହୋଇ ରହିଲେ ।

ବାର୍ଷ୍ଣେୟ ସାରଥି ଚାଲିଯିବା ପରେ ପୁଷ୍କର ପଶା ଖେଳରେ ରାଜା ନଳଙ୍କର ରାଜ୍ୟ ଏବଂ ସମସ୍ତ ଧନ ନେଇଗଲେ । ସେ ନଳଙ୍କୁ ସମ୍ବୋଧନ କରି ହସି ହସି କହିଲେ -''ଆଉ ଜୁଆ ଖେଳିବ ? କିନ୍ତୁ ତୁମ ପାଖରେ ବାଜି ଲଗାଇବା ପାଇଁ କିଛିତ ନାହିଁ । ଯଦି ତୁମେ ଦମୟନ୍ତୀଙ୍କୁ ବାଜି ଲଗାଇବା ପାଇଁ ଯୋଗ୍ୟ ବିବେଚନା କରୁଛ ତାହାହେଲେ ଖେଳ । ନଳଙ୍କର ହୃଦୟ ଫାଟିଗଲା ଭଳି ଲାଗିଲା । ସେ ପୁଷ୍କରକୁ କିଛି କହି ପାରିଲେ ନାହିଁ । ସେ ନିଜ ଶରୀରରୁ ସବୁ ବସ୍ତ୍ର ଆଭୂଷଣ ଓହ୍ଲାଇ ଦେଇ ଗୋଟିଏ ମାତ୍ର ବସ୍ତ୍ରପିନ୍ଧି ନଗରରୁ ବାହାରି ଗଲେ । ଦମୟନ୍ତୀ ମଧ୍ୟ କେବଳ ଖଣ୍ଡେ ଶାଢ଼ୀପିନ୍ଧି ନିଜ ପତିଙ୍କୁ ଅନୁଗମନ କଲେ । ନଳଙ୍କର ମିତ୍ର ଏବଂ ସମ୍ବନ୍ଧୀୟମାନଙ୍କୁ ବଡ଼ ଦୁଃଖ ଲାଗିଲା । ନଳ ଏବଂ ଦମୟନ୍ତୀ ଦୁହେଁ ନଗର ବାହାରେ ତିନି ରାତି ପର୍ଯ୍ୟନ୍ତ ରହିଲେ । ପୁଷ୍କର ନଗରରେ ଧେଣ୍ଡୁରା ପିଟି ଘୋଷଣାକଲେ ଯିଏ ନଳଙ୍କ ପ୍ରତି ସହାନୁଭୂତି ଦେଖାଇବ, ତାକୁ ଫାଶି ଦଣ୍ଡ ମିଳିବ । ଭୟରେ ନଗରର ଲୋକମାନେ ନିଜର ରାଜା ନଳଙ୍କର ସେବା କରିପାରିଲେ ନାହିଁ । ରାଜା ନଳ ତିନି ଦିନ ତିନିରାତି ଆପଣା ନଗର ବାହାରେ କେବଳ ପାଣିପିଇ ରହିଲେ । ଚତୁର୍ଥ ଦିନରେ ତାଙ୍କୁ ଭାରି ଭୋକ ଲାଗିଲା । ଦୁଇଜଣ ଫଳମୂଳ ଖାଇ ସେଠାରୁ ଆଗକୁ ଚାଲିଲେ ।

Download From www.Odiabook.co.in

ଦିନେ ରାଜାନଳ ଦେଖିଲେ ବହୁତ ପକ୍ଷୀ ତାଙ୍କ ପାଖରେ ବସିଛନ୍ତି । ସେମାନଙ୍କ ପକ୍ଷ ସୁନାପରି ଝଟକୁଛି । ନଳ ଭାବିଲେ ଏମାନଙ୍କ ପକ୍ଷରୁ କିଛି ଧନ ମିଳିବ । ଏହାଭାବି ସେମାନଙ୍କୁ ଧରିବା ପାଇଁ ନଳ ସେମାନଙ୍କ ଉପରେ ନିଜର ପିନ୍ଧିବା ବସ୍ତ୍ର ପକାଇ ଦେଲେ । ପକ୍ଷୀମାନେ ତାଙ୍କ ବସ୍ତ୍ରନେଇ ଉଡ଼ିଗଲେ । ଏବେ ନଳ ଉଲଗ୍ନ ହୋଇ ଦୀନ ଦରିଦ୍ର ଭଳି ମୁହଁ ତଳକୁ କରି ଛିଡ଼ାହେଲେ । ପକ୍ଷୀମାନେ କହିଲେ-ନିର୍ବୋଧ ! ତୁ ନଗରରୁ ଗୋଟିଏ ବସ୍ତ୍ର ପିନ୍ଧିକରି ବାହାରି ଆସିଥିଲୁ, ତାକୁ ଦେଖି ଆମକୁ ବଡ଼ ଦୁଃଖ ଲାଗିଥିଲା । ଏବେ ଆମେ ତୁମ ଶରୀରର ବସ୍ତ୍ର ନେଇ ଯାଉଛୁଁ । ଆମେ ପକ୍ଷୀ ନୋହୁଁ, ଜୁଆର ପଶା ଅଟୁ ।'' ଏହାପରେ ନଳ ଦମୟନ୍ତୀଙ୍କୁ ପଶାମାନଙ୍କର କଥା କହିଲେ ।

ଏହାପରେ ନଳକହିଲେ - ''ପ୍ରିୟେ ! ତୁମେତ ଦେଖୁଛ, ଏଠାରୁ ଅନେକ ବାଟ ପଡିଛି । ଗୋଟିଏ ସେଥିରୁ ଅବନ୍ତୀ ଆଡ଼କୁ ଯାଇଛି । ଅନ୍ୟଟି ଋକ୍ଷବାନ୍ ଉପର ଦେଇ ଦକ୍ଷିଣ ଦେଶକୁ ଯାଇଛି । ଆଗରେ ବିନ୍ଧ୍ୟାଚଳ ପର୍ବତ । ଏହି ପୟୋଷ୍ଣୀ ନଦୀ ସମୁଦ୍ରରେ ଯାଇ ମିଶିଛି । ଏହା ମହର୍ଷିମାନଙ୍କର ଆଶ୍ରମ । ଆଗ ରାସ୍ତାଟି ବିଦର୍ଭ ଦେଶକୁ ଯାଇଛି । ଏହା କୋସଳ ଦେଶର ରାସ୍ତା । ଏହିପରି ରାଜାନଳ ଦୁଃଖ ଏବଂ ଶୋକରେ ବଡ଼ ସାବଧାନ ହୋଇ ଦମୟନ୍ତୀଙ୍କୁ ଭିନ୍ନ ଭିନ୍ନ ମାର୍ଗ ଏବଂ ଆଶ୍ରମ କଥା ଶୁଣେଇଲେ । ଦମୟନ୍ତୀଙ୍କର ଚକ୍ଷୁ ଅଶ୍ରୁରେ ଭରିଗଲା । ସେ ଗଦ୍ ଗଦ ସ୍ୱରରେ କହିଲେ, ''ସ୍ୱାମୀ ! ଆପଣ କଣ ଭାବୁଛନ୍ତି ? ମୋର ଅଙ୍ଗ ଶିଥିଳ ହୋଇଯାଉଛି ଓ ମୋର ହୃଦୟ ଉଦ୍‌ବିଗ୍ନ ହୋଇଯାଉଛି । ଆପଣଙ୍କ ରାଜ୍ୟଗଲା, ଧନଗଲା, ଆପଣଙ୍କର ଶରୀରର ବସ୍ତ୍ର ରହିଲା ନାହିଁ , ଆପଣ ଥକି ଯାଇଛନ୍ତି, କ୍ଷୁଧାର୍ତ୍ତ ଏବଂ ତୃଷାର୍ତ୍ତ ଅଟନ୍ତି; ମୁଁ କଣ ଆପଣଙ୍କୁ ଏହି ନିର୍ଜନ ବନରେ ଛାଡ଼ିଦେଇ ଏକୁଟିଆ କେଉଁଠାକୁ ଯାଇ ପାରିବି ? ମୁଁ ଆପଣଙ୍କ ସାଥିରେ ରହି ଆପଣଙ୍କ ଦୁଃଖ ଦୂର କରିବି । ଦୁଃଖ ସମୟରେ ପତ୍ନୀ ପତି ପାଇଁ ଔଷଧି ପରି । ସେ ଧୈର୍ଯ୍ୟ ଦେଇ ପତିର ଦୁଃଖ ଦୂର କରେ । ଏହି କଥାକୁ ବିଧି ମଧ୍ୟ ସ୍ୱୀକାର କରନ୍ତି । ନଳ କହିଲେ -

Download From www.Odiabook.co.in

''ପ୍ରିୟେ ! ତୁମେ ଠିକ୍ କହିଛ । ପତ୍ନୀ ମିତ୍ର, ପତ୍ନୀ ମଧ୍ୟ ଔଷଧି । କିନ୍ତୁ ମୁଁତ ତୁମକୁ ତ୍ୟାଗ କରିବାକୁ ଚାହେଁନାହିଁ । ତୁମେ ଏଭଳି ସନ୍ଦେହ କାହିଁକି କରୁଛ ?'' ଦମୟନ୍ତୀ କହିଲେ, ''ଆପଣ ମୋତେ ଛାଡିବାକୁ ଚାହାନ୍ତି ନାହିଁ , କିନ୍ତୁ ବିଦର୍ଭ ଦେଶକୁ ବାଟ କାହିଁକି ବତାଉଛନ୍ତି ? ମୁଁ ନିଶ୍ଚିତ ଯେ ଆପଣ ମୋତେ ତ୍ୟାଗ କରିପାରିବେ ନାହିଁ । ତଥାପି ଏହି ସମୟରେ ଆପଣଙ୍କ ମନ ଓଲଟା ହୋଇ ଯାଇଛି । ଏଣୁ ଏପରି ଶଙ୍କା କରୁଛି । ଆପଣ ବାଟ ବତାଇ ଦେବାରୁ ମୋ ମନରେ ଦୁଃଖ ହେଉଛି । ଯଦି ଆପଣ ମୋତେ ମୋର ପିତା କିମ୍ବା କେହି ବନ୍ଧୁଙ୍କ ଘରକୁ ପଠାଇବା ପାଇଁ ଚାହାନ୍ତି, ତାହାହେଲେ ଠିକ୍ ଅଛି, ଆମେ ଦୁଇ ଜଣ ସାଥି ହୋଇ ଯିବା । ମୋର ପିତା ଆପଣଙ୍କର ସତ୍କାର କରିବେ ।'' ଆପଣ ସେହିଠାରେ ସୁଖରେ ରହିବେ । ନଳ କହିଲେ, ''ପ୍ରିୟେ ! ତୁମର ପିତା ରାଜା ଏବଂ ମୁଁ ମଧ୍ୟ କେବେ ରାଜା ଥିଲି । ଏ ସମୟରେ ମୁଁ ସଂକଟରେ ପଡ଼ି ତାଙ୍କ ପାଖକୁ ଯିବିନାହିଁ ।'' ରାଜା ନଳ ଦମୟନ୍ତୀଙ୍କୁ ବୁଝାଇବାକୁ ଲାଗିଲେ । ଏହାପରେ ଦୁଇଜଣ ଗୋଟିଏ ବସ୍ତ୍ରରେ ଶରୀର ଘୋଡ଼ାଇ ବନରେ ଏଣେ ତେଣେ ବୁଲିଲେ । ଭୋକ, ଶୋଷରେ ବ୍ୟାକୁଳ ହୋଇ ଦୁଇଜଣ ଗୋଟିଏ ଧର୍ମଶାଳାରେ ଆସି ରହିଲେ ।

—*—

ନଳଙ୍କର ଦମୟନ୍ତୀଙ୍କ ତ୍ୟାଗ, ଦମୟନ୍ତୀ ସଙ୍କଟରୁ ଉଦ୍ଧାର ହୋଇ ଦିବ୍ୟ ଋଷିଙ୍କ ଦର୍ଶନ ଏବଂ ରାଜା ସୁବାହୁଙ୍କ ମହଲରେ ନିବାସ

ବୃହଦଶ୍ୱ କହିଲେ, ''ଯୁଧିଷ୍ଠିର ! ଏହି ସମୟରେ ରାଜା ନଳଙ୍କ ଶରୀରରେ ବସ୍ତ୍ର ନଥାଏ, ଆଉବା କଣ କହିବି ? ମାଟିପରେ ବିଛେଇବା ପାଇଁ ଗୋଟିଏ ଚଟେଇ ମଧ୍ୟ ନ ଥାଏ । ଶରୀର ଧୂଳିରେ ସରସର ହୋଇ ଯାଇ ଥାଏ । ଭୋଗ ଏବଂ ଶୋଷରେ ପୀଡା ତ ଅଲଗା ଥିଲା । ରାଜାନଳ

Download From www.Odiabook.co.in

ଭୂମି ପରେ ଶୋଇଗଲେ । ଦମୟନ୍ତୀଙ୍କ ଜୀବନରେ ମଧ୍ୟ କେବେ ଏପରି ପରିସ୍ଥିତି ଆସିନଥିଲା । ସେହି ସୁକୁମାରୀ ମଧ୍ୟ ସେହି ଠାରେ ଶୋଇଗଲା । ଦମୟନ୍ତୀ ଶୋଇଯିବା ପରେ ରାଜା ଅତ୍ୟଧିକ ଦୁଃଖ ହେତୁ ସୁଖନିଦ୍ରା ହେଉ ନଥିଲା । ଆଖି ଖୋଲିବା ମାତ୍ରେ ତାଙ୍କ ଆଗରେ ରାଜ୍ୟ ହରାଇବାର ଦୃଶ୍ୟ, ବନ୍ଧୁବାନ୍ଧବଙ୍କ ବିଛେଦ ଏବଂ ପକ୍ଷୀମାନଙ୍କର ବସ୍ତ୍ରନେଇ ଉଡ଼ିଯିବାର ଦୃଶ୍ୟ ଗୋଟି ଗୋଟି କରି ଭାସିବାକୁ ଲାଗିଲା । ସେ ଭାବିବାକୁ ଲାଗିଲେ "ଦମୟନ୍ତୀ ମୋତେ ବହୁତ ଭଲପାଉଛି । ପ୍ରେମ ଯୋଗୁହିଁ ସେ ଏତେ ଦୁଃଖ ଭୋଗୁଛି । ଯଦି ମୁଁ ତାକୁ ଛାଡ଼ି ଚାଲିଯିବି ତେବେ ସେ ନିଜ ପିତା ଗୃହକୁ ଚାଲିଯିବ । ମୋ ସାଥିରେ ତ ତାଙ୍କୁ ଦୁଃଖ ହିଁ ଭୋଗ କରିବାକୁ ପଡିବ । ଯଦି ମୁଁ ତାଙ୍କୁ ଛାଡି ଚାଲିଯିବି ତାହାଲେ ସମ୍ଭବତଃ ତାକୁ ସୁଖ ମିଳିଯାଇ ପାରେ ।" ଶେଷରେ ରାଜାନଳ ନିଶ୍ଚିତ କଲେ ଯେ ଦମୟନ୍ତୀକୁ ଛାଡି ଚାଲିଯିବାଟା ଭଲ ହେବ । ଦମୟନ୍ତୀ ସଚ୍ଚା ପତିବ୍ରତା ଅଟେ । କେହି ତାର ସତୀତ୍ୱକୁ ଭଙ୍ଗ କରିପାରିବେ ନାହିଁ । * ଏହିପରି ତ୍ୟାଗ କରିବା ପାଇଁ ସ୍ଥିରକରି ଏବଂ ସତୀତ୍ୱରେ ନିଶ୍ଚିନ୍ତ ହୋଇ ରାଜାନଳ ବିଚାର କଲେ, "ମୁଁ ଲଙ୍ଗଳା ଏବଂ ଦମୟନ୍ତୀ ଶରୀରରେ କେବଳ ଖଣ୍ଡିଏ ବସ୍ତ୍ର ଅଛି । ତଥାପି ସେ ବସ୍ତ୍ରରୁ ଅଧା କରି ନେବାଟା ଠିକ୍ ହେବ । କିନ୍ତୁ ଚିରିବି କିପରି ? ହୁଏତ ସେ ଉଠି ପଡ଼ିବ ?" ସେ ଧର୍ମ ଶାଳାରେ ଏଣେ ତେଣେ ବୁଲିବାକୁ ଲାଗିଲେ । ତାଙ୍କର ଦୃଷ୍ଟି ଏକ କୋଷମୁକ୍ତ ତରବାରୀ ଉପରେ ପଡ଼ିଗଲା । ରାଜାନଳ ତାକୁ ଉଠାଇ ନେଲେ ଏବଂ ଧୀରେ ଦମୟନ୍ତୀଙ୍କର ଅଧାବସ୍ତ୍ର କାଟି ନିଜ ଶରୀର ଘୋଡାଇ ଦେଲେ । ଦମୟନ୍ତୀ ନିଦ୍ରିତ ଥିଲେ । ରାଜା ନଳ ତାଙ୍କୁ ଛାଡି ବାହାରି ଗଲେ । କିଛି ସମୟ ପରେ ଯେତେବେଳେ ତାଙ୍କ ହୃଦୟ ଶାନ୍ତ ହେଲା, ସେତେବେଳେ ସେ ପୁଣି ଧର୍ମ ଶାଳାକୁ ଫେରି ଆସିଲେ ଏବଂ ଦମୟନ୍ତୀଙ୍କୁ ଦେଖିକରି କାନ୍ଦିବାକୁ ଲାଗିଲେ ।

---

* ନ ଚୈଷା ତେଜସା ଶକ୍ୟା କୈଶ୍ଚିତ୍ ଧର୍ଷୟିତୁଂ ପଥି । ଯଶସ୍ୱିନୀ ମହାଭାଗା ମଦ୍‌ଭକ୍ତେୟଂ ପତିବ୍ରତା ॥
(ମହା.ବନ. ୬୨/୧୪)

Download From www.Odiabook.co.in

ସେ ଭାବିଲେ, ଏ ପର୍ଯ୍ୟନ୍ତ ମୋର ପ୍ରାଣ ପ୍ରିୟା ଅନ୍ତଃପୁରରେ ପରଦା ଆଢୁଆଳରେ ରହୁଥିଲା, ଏହାଙ୍କୁ କେହି ଛୁଇଁ ମଧ୍ୟ ପାରୁ ନ ଥିଲେ । ଆଜି ସେ ଅନାଥିନୀ ପରି ଅଧା ବସ୍ତ୍ର ପିନ୍ଧି ଭୂଇଁରେ ଶୋଇ ରହିଛି । ଏବେ ମୋ ବିନା ସେ ଦୁଃଖୀ ହୋଇ ବନରେ କେମତି ବୁଲିବ ? ପ୍ରାୟା ! ତୁ ଧର୍ମାତ୍ମା ଅଚ୍ଛୁ, ତେଣୁ ଆଦିତ୍ୟ, ବସୁ, ରୁଦ୍ର, ଅଶ୍ୱିନୀକୁମାର ଏବଂ ପବନ ଦେବତା ତୁମକୁ ରକ୍ଷା କରନ୍ତୁ । ଏହି ସମୟରେ ରାଜା ନଳଙ୍କର ହୃଦୟ ଦୁଃଖରେ ଛିନ୍‌ଭିନ୍ ହୋଇ ଯାଉଥିଲା । ସେ ଝୁଲଣ ଭଳି ବାରମ୍ବାର ଧର୍ମଶାଳାରୁ ବହାରକୁ ଯାଉଥିଲେ ଏବଂ ପୁଣି ଲେଉଟି ଆସୁଥିଲେ । ତାଙ୍କ ଦେହରେ କଳିଯୁଗ ପ୍ରବେଶ କରିଥିବା କାରଣରୁ ବୁଦ୍ଧି ନଷ୍ଟ ହୋଇ ଯାଇ ଥିଲା, ତେଣୁ ସେ ନିଜର ପ୍ରାଣପ୍ରିୟା ପତ୍ନୀକୁ ବନରେ ଏକୁଟିଆ ଛାଡ଼ି ସେଠାରୁ ଗ୍ୱଲିଗଲେ ।

ଯେତେବେଳେ ଦମୟନ୍ତୀଙ୍କର ନିଦ ଭାଙ୍ଗିଲା, ସେତେବେଳେ ସେ ଦେଖିଲେ ରାଜା ନଳ ସେପରେ ନାହାନ୍ତି । ସେ ଭୟରେ ଡାକିବାକୁ ଲାଗିଲେ, ମହାରାଜା ! ସ୍ୱାମୀ ! ମୋର ସର୍ବସ୍ୱ ! ଆପଣ କେଉଁଠାରେ ଅଛନ୍ତି ? ମୋତେ ଏକୁଟିଆ ଡର ମାଡୁଛି, ଆପଣ କେଉଁଠାକୁ ଗଲେ ? ବାସ୍, ଆଉ ଅଧିକ ମଜା କରନ୍ତୁ ନାହିଁ । ହେ ନିଷ୍ଠୁର ସ୍ୱାମୀ ! ମୋତେ କାହିଁକି ଡରାଉଛନ୍ତି ? ଶୀଘ୍ର ଦେଖା ଦିଅନ୍ତୁ । ମୁଁ ଆପଣଙ୍କୁ ଖୋଜୁଛି । ଏଇ ଦେଖି ନେଲି । ଲତା ଉହାଡରେ ଛପିକରି ଚୁପ୍ ରହିଛନ୍ତି କାହିଁକି ? ମୁଁ ଦୁଃଖରେ ପଡ଼ି ଏତେ ବିଳାପ କରୁଛି କିନ୍ତୁ ଆପଣ ମୋ ପାଖକୁ ଆସି ସାନ୍ତ୍ୱନା ମଧ୍ୟ ଦେଉ ନାହାଁନ୍ତି । ସ୍ୱାମୀ ! ମୋତେ ମୋ ପାଇଁ କିମ୍ବା ଆଉ କାହାରି ପାଇଁ ଦୁଃଖ ନାହିଁ । ମୋତେ କେବଳ ଏତିକି ଚିନ୍ତା ଯେ ଆପଣ ଏହି ଘୋର ଜଙ୍ଗଲରେ ଏକୁଟିଆ କେମିତି ରହିବେ ? ହେ ନାଥ ! ଆପଣଙ୍କ ଭଳି ନିର୍ମଳ ଚିତ୍ତ ଲୋକର ଏପରି ଦଶା ଯିଏ କଲା, ସେ ଆପଣଙ୍କ ଠାରୁ ଅଧିକ ଦୁର୍ଦ୍ଦଶା ଭୋଗି ସଦାବେଳେ ଦୁଃଖୀ ଜୀବନ

Download From www.Odiabook.co.in

ବିତାଇବ * । ଦମୟନ୍ତୀ ଏହିପରି ବିଳାପ କରି ଏଣେତେଣେ ଦୌଡ଼ିବାକୁ ଲାଗିଲେ । ସେ ପାଗଳିନୀ ଭଳି ଏଣେ ତେଣେ ବୁଲୁ ବୁଲୁ ଗୋଟିଏ ଅଜଗର ପାଖରେ ଯାଇ ପହଞ୍ଚିଗଲେ । ଦୁଃଖାଭିଭୂତ ହୋଇପଡ଼ିଥିବାରୁ ସେ ଏକଥା ମଧ୍ୟ ଜାଣି ପାରିଲେ ନାହିଁ । ଅଜଗର ଦମୟନ୍ତୀଙ୍କୁ ଗିଳିବାକୁ ଲାଗିଲା । ସେ ସମୟରେ ମଧ୍ୟ ଦମୟନ୍ତୀ ନିଜ ଚିନ୍ତା ନକରି ରାଜା ନଳଙ୍କର ହିଁ ଚିନ୍ତା କରୁଥିଲେ । ସେ ଭାବୁଥିଲେ, ସେ ଏକୁଟିଆ କେମିତି ରହିବେ । ତା'ପରେ ପୁଣି ସେ ଡାକିବାକୁ ଲାଗିଲେ, ''ସ୍ୱାମୀ ! ମୋତେ ଅନାଥିନୀଙ୍କ ଭଳି ଏଠାରେ ଅଜଗର ଗିଳୁଛି, ଆପଣ ମୋତେ ଛଡ଼ାଇବା ପାଇଁ କାହିଁକି ଆସୁ ନାହାଁନ୍ତି ? ଦମୟନ୍ତୀଙ୍କ ଡାକ ଏକ ବ୍ୟାଧ କାନରେ ପଡିଲା । ସେ ସେହିଠାରେ ବୁଲୁଥିଲା । ସେ ସେଠାକୁ ଦୌଡ଼ି ଆସି ଦେଖିଲା ଯେ ଦମୟନ୍ତୀଙ୍କୁ ଅଜଗର ଗିଳି ଦେଉଛି, ତେଣୁ ସେ ନିଜର ତୀକ୍ଷ୍ଣ ଶସ୍ତ୍ରରେ ଅଜଗରର ମୁହଁ ଚିରିଦେଲା । ସେ ଦମୟନ୍ତୀଙ୍କୁ ସେଠାରୁ ଆଣି ଗାଧୋଇ ଦେଲା, ବୁଝାଇ ସୁଝାଇ ଖୁଆଇଲା । ଦମୟନ୍ତୀ ଟିକିଏ ଶାନ୍ତ ହେଲେ । ଏହାପରେ ବ୍ୟାଧ ପଚାରିଲା - ''ସୁନ୍ଦରି ! ତୁମେ କିଏ ? କେଉଁ କଷ୍ଟରେ ପଡ଼ି କି ଉଦ୍ଦେଶ୍ୟରେ ଏଠାକୁ ଆସିଛ ?'' ଦମୟନ୍ତୀ ବ୍ୟାଧକୁ ନିଜର ଦୁଃଖ କାହାଣୀ କହିଲା । ଦମୟନ୍ତୀଙ୍କର ସୌନ୍ଦର୍ଯ୍ୟ, ଚାଲିଚଳନ ଏବଂ ମନୋହାରିଣି ରୂପ ଦେଖି ବ୍ୟାଧ କାମ ମୋହିତ ହୋଇଗଲା । ସେ ମିଠା ମିଠା କଥା କହି ଦମୟନ୍ତୀଙ୍କୁ ନିଜ ପ୍ରତି ଆକୃଷ୍ଟ କରିବା ପାଇଁ ଚେଷ୍ଟା କଲା । ଦମୟନ୍ତୀ ଦୁରାଚାରୀ ବ୍ୟାଧର ମନୋଭାବ ଜାଣିପାରି କ୍ରୋଧରେ ପ୍ରଜ୍ୱଳିତ ହୋଇଗଲେ । ଦମୟନ୍ତୀ ବ୍ୟାଧର ବଳାତ୍କାରକୁ ରୋକିବା ପାଇଁ ବହୁତ ଚେଷ୍ଟା କଲେ କିନ୍ତୁ ଯେତେବେଳେ ସେ କୌଣସି ପ୍ରକାରେ ନ

---

* ନ ଶୋଚାମ୍ୟହମାତ୍ମାନଂ ନ ଚାନ୍ୟଦପି କିଂଚନ । କଥଂ ନୁ ଭବିତାସ୍ୟେକେ ଇତି ତ୍ୱାଂ ନୃପ ଶୋଚିମି ॥
ଯସ୍ୟାଭିଶାପାଦ୍ ଦୁଃଖାର୍ତ୍ତୋ ଦୁଃଖଂ ବିନ୍ଦତି ନୈଷଧଃ । ତସ୍ୟ ଭୂତସ୍ୟ ନୋ ଦୁଃଖାଦ୍ ଦୁଃଖମପ୍ୟଧିକଂ ଭବେତ୍ ॥
ଅପାପଚେତସଂ ପାପୋ ଯ ଏବଂ କୃତବାନ୍ ନଳମ୍ । ତସ୍ମାଦ୍ ଦୁଃଖତରଂ ପ୍ରାପ୍ୟ ଜୀବତ୍ୱସୁଖଜୀବିକାମ୍ ॥
(ମହା. ବନ. ୬୩/୧୧,୧୬-୧୭)

Download From www.Odiabook.co.in

****

ମାନିଲା, ସେତେବେଳେ ସେ ଅଭିଶାପ ଦେଲେ -''ଯଦି ମୁଁ ନିଷଧ ନରେଶ ରାଜା ନଳଙ୍କ ବ୍ୟତୀତ ଅନ୍ୟ କୌଣସି ପୁରଷକୁ ମନରେ ମଧ୍ୟ ଚିନ୍ତା କରି ନଥିବି ତାହାହେଲେ ଏହି ପାପିଷ୍ଠ ନିଛ ବ୍ୟାଧ ମରିକରି ପୃଥିବୀରେ ପଡିବ ।'' * ଦମୟନ୍ତୀଙ୍କ ମୁହଁରୁ ଏକଥା ବାହାରିବା ମାତ୍ରେ ବ୍ୟାଧର ପ୍ରାଣବାୟୁ ଉଡ଼ିଗଲା, ସେ ଜଳନ୍ତା ଖୁଣ୍ଟଭଳି ପୃଥିବୀଉପରେ ଗଡ଼ିପଡ଼ିଲା ।

ବ୍ୟାଧ ମରିଯିବା ପରେ ଦମୟନ୍ତୀ ରାଜା ନଳଙ୍କୁ ଖୋଜୁ ଖୋଜୁ ଗୋଟିଏ ନିର୍ଜନ ଏବଂ ଭୟଙ୍କର ଜଙ୍ଗଲରେ ଯାଇ ପହଞ୍ଚିଲେ । ବହୁତ ପର୍ବତ, ନଦନଦୀ, ଜଙ୍ଗଲ, ହିଂସ୍ରଜନ୍ତୁ, ପିଶାଚଙ୍କୁ ଦେଖି ବିରହରେ ଉନ୍ମାଦ ହୋଇ ସେ ରାଜା ନଳଙ୍କ ଠିକଣା ସେମାନଙ୍କୁ ପଚାରି ପଚାରି ସେଠାରୁ ଉତ୍ତର ଆଡ଼କୁ ଚାଲିଲେ । ତିନିଦିନ ତିନିରାତି ବିତିଯିବା ପରେ ଦମୟନ୍ତୀ ଦେଖିଲେ ଆଗରେ ଗୋଟିଏ ବଡ଼ ସୁନ୍ଦର ଆଶ୍ରମ ଅଛି । ସେହି ଆଶ୍ରମରେ ବଶିଷ୍ଠ, ଭୃଗୁ ଏବଂ ଅତ୍ରିଙ୍କ ପରି ମିତଭୋଜୀ, ସଂଯମୀ, ପବିତ୍ର, ଜିତେନ୍ଦ୍ରିୟ ଏବଂ ତପସ୍ୱୀ ଋଷି ନିବାସ କରୁଛନ୍ତି । ସେମାନେ ବୃକ୍ଷର ଛାଲ ଅଥବା ମୃଗଛାଲ ଧାରଣ କରିଛନ୍ତି । ଦମୟନ୍ତୀଙ୍କୁ କିଛି ଧୈର୍ଯ୍ୟ ମିଳିଲା । ସେ ଆଶ୍ରମକୁ ଯାଇ ଅତି ନମ୍ରତାର ସହିତ ତପସ୍ୱୀ ଋଷିମାନଙ୍କୁ ପ୍ରଣାମ କଲେ ଏବଂ ହାତ ଯୋଡି ଠିଆ ହେଲେ । ଋଷିମାନେ ''ସ୍ୱାଗତ'' କହି ଦମୟନ୍ତୀଙ୍କର ସତ୍କାର କଲେ ଏବଂ କହିଲେ, ''ବସିଯାଅ, ଆମେ ତୁମର କି ସାହାଯ୍ୟ କରିପାରିବୁ ?'' ଦମୟନ୍ତୀ ଭଦ୍ର ମହିଳାଙ୍କ ଭଳି ପଚାରିଲେ, ''ଆପଣମାନଙ୍କ ତପସ୍ୟା, ଯଜ୍ଞ, ଧର୍ମ ଏବଂ ପଶୁପକ୍ଷୀ ସମସ୍ତ କୁଶଳ ତ ? ଆପଣଙ୍କ ଧର୍ମ ଆଚରଣରେ କିଛି ବିଘ୍ନ ଘଟୁନାହିଁତ ।'' ଋଷିମାନେ କହିଲେ, ''କଲ୍ୟାଣି ! ଆମେ ସମସ୍ତ ପ୍ରକାର କୁଶଳରେ ଅଛୁଁ । ତୁମେ କିଏ, କେଉଁ ଉଦ୍ଦେଶ୍ୟରେ ଏଠାକୁ ଆସିଛ ? ଆମେ ବଡ଼ ଆଶ୍ଚର୍ଯ୍ୟ ହେଉଛୁଁ ଯେ ତୁମେ କର ବନ, ପର୍ବତ ଏବଂ ନଦୀର ଅଧିଷ୍ଠାତ୍ରୀ ଦେବୀ ?'' ଦମୟନ୍ତୀ

---

* ଯଦ୍ୟହଂ ନୈଷଧାଦନ୍ୟଂ ମନସାପି ନ ଚିନ୍ତୟେ । ତଥାୟଂ ପତତାଂ କ୍ଷୁଦ୍ରୋ ପରାସୁର୍ମୃଗଜୀବନଃ ॥
(ମହା. ବନ. ୬୩/୩୮)

Download From www.Odiabook.co.in

କହିଲେ, ''ମହାତ୍ମା ! ମୁଁ କୌଣସି ଦେବ ଦେବୀ ନୁହେଁ , ଜଣେ ମନୁଷ୍ୟ, ସ୍ତ୍ରୀ ଅଟେ । ମୁଁ ବିଦର୍ଭ ରାଜା ଭୀମଙ୍କର କନ୍ୟା ଏବଂ ବୁଦ୍ଧିମାନ, ଯଶସ୍ୱୀ ଏବଂ ବୀର ବିଜୟୀ ନିଷିଧ ନରେଶ ମୋର ପତି ଅଟନ୍ତି । କପଟ ଦ୍ୟୁତରେ ପଟୁ ଏବଂ ଦୁରାତ୍ମା ପୁରୁଷମାନେ ମୋର ଧର୍ମାତ୍ମା ପତିଙ୍କୁ ଜୁଆ ଖେଳିବା ପାଇଁ ଉତ୍ସାହିତ କରି ତାଙ୍କର ରାଜ୍ୟ ଏବଂ ସମସ୍ତ ଧନ ନେଇ ଗଲେ । ମୁଁ ତାଙ୍କରି ପତ୍ନୀ ଦମୟନ୍ତୀ । ସଂଯୋଗବଶତଃ ସେ ମୋ ଠାରୁ ଅଲଗା ହୋଇଗଲେ । ମୁଁ ସେହି ଯୋଦ୍ଧା, ଶସ୍ତ୍ର ବିଦ୍ୟାରେ କୁଶଳୀ ଏବଂ ମହାତ୍ମା ପତି ଦେବତାଙ୍କୁ ଖୋଜିବା ପାଇଁ ବନ ବନ ବୁଲୁଅଛି । ମୁଁ ଯଦି ଶୀଘ୍ର ତାଙ୍କ ଦେଖା ନ ପାଇବି, ତାହାହେଲେ ବଞ୍ଚି ପାରିବି ନାହିଁ । ତାଙ୍କ ବିନା ମୋର ଜୀବନ ନିଷ୍ଫଳ । ବିଚ୍ଛେଦ ଦୁଃଖ ମୁଁ କେତେ ପର୍ଯ୍ୟନ୍ତ ଆଉ ସହି ପାରିବି ।'' ତପସ୍ୱୀ ମାନେ କହିଲେ, ''କଲ୍ୟାଣି ! ଆମେ ଆମର ତପସିଦ୍ଧ ଦୃଷ୍ଟିରେ ଦେଖି ପାରୁଛୁ ତୁମେ ଆଗକୁ ବହୁତ ସୁଖ ପାଇବ ଏବଂ କିଛି ଦିନରେ ରାଜା ନଳଙ୍କର ଦର୍ଶନ ପାଇବ ।* ଧର୍ମାତ୍ମା ନିଷଧ ନରେଶ ଅଳ୍ପ ଦିନରେ ସମସ୍ତ ଦୁଃଖରୁ ମୁକ୍ତ ହୋଇ ସମ୍ପତ୍ତିଶାଳୀ ନିଷଧ ଦେଶରେ ରାଜୁତି କରିବେ । ତାଙ୍କର ଶତ୍ରୁମାନେ ଭୟଭୀତ ହେବେ, ମିତ୍ରମାନେ ସୁଖୀ ହେବେ ଏବଂ କୁଟୁମ୍ବମାନେ ତାଙ୍କୁ ପାଇ ଆନନ୍ଦିତ ହେବେ ।'' ଏହି ପ୍ରକାର କହି ସେହି ସବୁ ତପସ୍ୱୀ ନିଜର ଆଶ୍ରମ ସହିତ ଅନ୍ତର୍ଦ୍ଧାନ ହୋଇଗଲେ । ଏପରି ଆଶ୍ଚର୍ଯ୍ୟ ଘଟଣା ଦେଖି ଦମୟନ୍ତୀ ବିସ୍ମିତ ହୋଇଗଲେ ।ସେ ଭାବିଲେ ଆରେ ! ମୁଁ କଣ ଏଠାରେ ସ୍ୱପ୍ନ ଦେଖୁଥିଲି ? ଏଠାରେ କିପରି ଘଟଣା ଘଟିଗଲା । ସେହି ତପସ୍ୱୀ, ଆଶ୍ରମ, ପବିତ୍ର ସଲୀଳା ନଦୀ, ଫୁଲ ଫଳରେ ଭର୍ତ୍ତି ସବୁଜ ବୃକ୍ଷ କେଉଁଠାକୁ ଗଲ ? ଦମୟନ୍ତୀ ପୁଣି ଉଦାସ ହୋଇଗଲେ । ତାଙ୍କର ମୁଖ ଶୁଖିଗଲା ।

ସେଠାରୁ ସେ ଯାଇ କାନ୍ଦି କାନ୍ଦି ଗୋଟିଏ ଅଶୋକ ବୃକ୍ଷ ପାଖରେ ପହଞ୍ଚିଲେ । ତାଙ୍କ ଆଖିରୁ ଧାର ଧାର ଅଶ୍ରୁ ବୋହି ଯାଉଥିଲା । ସେ

---

* ଉଦର୍କସ୍ତବ କଲ୍ୟାଣେଣି କଲ୍ୟାଣୋ ଭବିତା ଶୁଭେ । ବୟଂ ପଶ୍ୟାମ ତପସା କ୍ଷିପ୍ରଂ ଦ୍ରକ୍ଷସି ନୈଷଧମ୍ ॥
(ମହା. ବନ. ୬୪/୧୨)

Download From www.Odiabook.co.in

ଅଶୋକ ବୃକ୍ଷକୁ ଗଦ୍‌ଗଦ୍ ସ୍ୱରରେ କହିଲେ, "ହେ ସୁଖୀ ଅଶୋକ ! ତୁ ମୋର ଦୁଃଖ ଦୂର କରିଦେ ! କେଉଁଠାରେ ତୁ ରାଜାନଳଙ୍କୁ ଦେଖିଛୁ ? ଅଶୋକ ! ତୁ ନିଜର ଦୁଃଖ ନାଶନ ନାମକୁ ସାର୍ଥକ କର ।" ଦମୟନ୍ତୀ ଏହାକହି ଅଶୋକ ବୃକ୍ଷକୁ ପ୍ରଦକ୍ଷିଣା କରି ଆଗକୁ ଚାଲିଲେ । ଭୟଙ୍କର ଜଙ୍ଗଲରେ ଅନେକ ବୃକ୍ଷ, ଗୁମ୍ଫା, ପର୍ବତ ଶିଖର ଏବଂ ନଦୀର ଆଖ ପାଖରେ ନିଜର ପତି ଦେବତାଙ୍କୁ ଖୋଜୁଁ ଖୋଜୁଁ ଦମୟନ୍ତୀ ବହୁତ ଦୂର ଚାଲିଗଲେ । ସେଠାରେ ସେ ଦେଖିଲେ ବହୁତ ହାତୀ, ଘୋଡ଼ା ଏବଂ ରଥ ସାଥିରେ ଗୋଟିଏ ବେପାରି ଦଳ ଆଗକୁ ଯାଉଛନ୍ତି । ସେ ବେପାରୀ ମାନଙ୍କର ମୁଖିଆ ସହିତ କଥାବାର୍ତ୍ତା କରି ଜାଣିଲେ ବେପାରୀମାନେ ରାଜା ସୁବାହୁର ରାଜ୍ୟ ଚେଦିଦେଶକୁ ଯାଉଛନ୍ତି । ଦମୟନ୍ତୀ ସେମାନଙ୍କ ସାଥି ହୋଇଗଲେ । ତାଙ୍କ ମନରେ ନିଜର ପତିଙ୍କୁ ଦର୍ଶନ କରିବାର ଲାଳସା ବଢ଼ିଯାଇଥିଲା । କିଛିଦିନ ଚାଲିବା ପରେ ସେହି ବେପାରୀମାନେ ଏକ ଭୟଙ୍କର ଜଙ୍ଗଲରେ ଯାଇ ପହଞ୍ଚିଲେ । ସେଠାରେ ଏକ ବଡ଼ ସୁନ୍ଦର ସରୋବର ଥିଲା । ଲମ୍ବା ଯାତ୍ରା ଯୋଗୁଁ ସବୁ ଲୋକ ଥକି ପଡିଥିଲେ । ତେଣୁ ସେହି ଲୋକମାନେ ସେଠାରେ ତମ୍ବୁ ଟାଣି ଦେଲେ । ଦଇବ ବେପାରୀମାନଙ୍କର ପ୍ରତିକୂଳ ଥିଲେ । ରାତିରେ ଜଙ୍ଗଲୀ ହାତୀମାନେ ବେପାରୀମାନଙ୍କର ହାତୀ ଉପରକୁ ମାଡ଼ି ଆସିଲେ ଏବଂ ସେମାନଙ୍କ ଧାଁ ଦଉଡ଼ରେ ବେପାରୀମାନେ ସବୁ ଛିନ୍ନ ଛତ୍ର ହୋଇଗଲେ । କୋଳାହଳ ଶୁଣି ଦମୟନ୍ତୀଙ୍କର ନିଦ ଭାଙ୍ଗିଗଲା । ସେଠାରେ ଏପରି ମହାସଂହାର ଦୃଶ୍ୟଦେଖି ସେ ବାଉଳି ପ୍ରାୟ ହୋଇଗଲେ । ସେ କେବେ ଏମିତି ଘଟଣା ଦେଖିନଥିଲେ । ସେ ଡରିଡରି ସେଠାରୁ ପଳେଇ ଗଲେ ଏବଂ ଯେଉଁଠି କିଛି ଲୋକ ରକ୍ଷାପାଇ ଛିଡା ହୋଇଥିଲେ ସେଠାରେ ସେ ଯାଇ ପହଞ୍ଚିଲେ । ତାପରେ ଦମୟନ୍ତୀ ସେହି ବେଦଜ୍ଞ ଏବଂ ସଂଯମୀ ବ୍ରାହ୍ମଣମାନଙ୍କ ସାଥିରେ, (ଯେଉଁମାନେ ମହାସଂହାରରୁ ବର୍ତ୍ତିଯାଇଥିଲେ) ଶରୀରରେ ଅଧାବସ୍ତ୍ର ଧାରଣ କରି ଚାଲିଲେ ଏବଂ ସନ୍ଧ୍ୟାବେଳେ ଚେଦି ନରେଶ ରାଜା ସୁବାହୁଙ୍କ ରାଜଧାନୀରେ ଯାଇ ପହଞ୍ଚିଲେ ।

Download From www.Odiabook.co.in

ଯେଉଁ ସମୟରେ ଦମୟନ୍ତୀ ରାଜଧାନୀର ରାଜପଥ ଉପର ଗ୍ଭଲୁଥିଲେ ଲୋକମାନେ ତାଙ୍କୁ ପାଗଳୀନୀ ବୋଲି ଭାବୁଥିଲେ । ଛୋଟ ଛୋଟ ପିଲାମାନେ ତାଙ୍କ ପିଛାରେ ଲାଗିଗଲେ । ଦମୟନ୍ତୀ ଯାଇ ରାଜମହଲ ପାଖରେ ପହଞ୍ଚିଲେ । ସେହି ସମୟରେ ରାଜମାତା ରାଜମହଲର ଝିିକି ପାଖରେ ବସିଥିଲେ । ସେ ପିଲାମାନେ ଘେରିଥିବା ଦମୟନ୍ତୀଙ୍କୁ ଦେଖି ଧାଈକୁ କହିଲେ, ''ଆରେ ! ଦେଖ୍ ତ , ଏହି ସ୍ତ୍ରୀ ଲୋକଟି ବଡ଼ ଦୁଃଖିନୀ ଜଣାପଡୁଛି । ନିଜ ପାଇଁ କେଉଁଠି ଆଶ୍ରୟ ଖୋଜୁଛି ବୋଧହୁଏ । ପିଲାମାନେ ତାକୁ ଦୁଃଖ ଦେଉଛନ୍ତି । ତୁ ଯାଇ ତାକୁ ମୋ ପାଖକୁ ନେଇ ଆ । ସେ ଏତେ ସୁନ୍ଦରୀ ମୋ ମହଲକୁ ମଧ୍ୟ ଚମକାଇ ଦେବ ।'' ଧାଈ ଆଜ୍ଞା ପାଳନ କଲା । ଦମୟନ୍ତୀ ରାଜମହଲକୁ ଆସିଗଲେ । ରାଜମାତା ଦମୟନ୍ତୀଙ୍କର ସୁନ୍ଦର ଶରୀର ଦେଖି ପଗ୍ଭରିଲେ, ''ଦେଖିବାକୁ ତ ତୁମେ ଦୁଃଖିନୀ ଜଣା ପଡୁଛ । ତଥାପି ତୁମର ଶରୀର ଏତେ ଉଜ୍ଜ୍ୱଳ ଦିଶୁଛି କେମିତି ?'' କହିଲ ତୁମେ କିଏ , କାହାର ପତ୍ନୀ, ଅସହାୟ ଅବସ୍ଥାରେ ମଧ୍ୟ କାହାରିକୁ ଡରୁନାହଁ କେମିତି ?'' ଦମୟନ୍ତୀ କହିଲେ, ''ମୁଁ ଜଣେ ପବିତ୍ରତା ନାରୀ ଅଟେ । ମୁଁ ଉଚ୍ଚ ବଂଶଜ କିନ୍ତୁ ଦାସୀର କାର୍ଯ୍ୟ କରୁଛି । ଅନ୍ତଃ ପୁରରେ ରହିଆସିଛି । ମୁଁ ଯେ କୌଣସି ସ୍ଥାନରେ ରହି ଯାଏ । ଫଳ ମୂଳ ଖାଇ ଦିନ ବିତାଇ ଦିଏ । ମୋର ପତିଦେବ ବହୁତ ଗୁଣୀ ଏବଂ ମୋତେ ମଧ୍ୟ ବହୁତ ଭଲ ପାଆନ୍ତି । ମୁଁ ବିନା ଅପରାଧରେ ରାତିରେ ଦିନେ ଶୋଇଥିବା ଅବସ୍ଥାରେ ମୋଭଳି ଅଭାଗୀନୀଙ୍କୁ ଛାଡିଦେଇ, ଜାଣେ ନାହିଁ, ସେ କେଉଁଠାକୁ ଗ୍ଭଲିଗଲେ । ମୁଁ ରାତିଦିନ ମୋର ପ୍ରାଣପତିଙ୍କୁ ଖୋଜୁଛି ଏବଂ ତାଙ୍କ ବିଚ୍ଛେଦରେ ଜଳୁଛି ।'' ଏତିକି କହୁଁ କହୁଁ ଦମୟନ୍ତୀଙ୍କ ଆଖିରେ ଅଶ୍ରୁ ଭରିଗଲା ଏବଂ ସେ କାନ୍ଦି ପକାଇଲେ । ଦମୟନ୍ତୀଙ୍କର ଦୁଃଖପୂର୍ଣ୍ଣ ବିଳାପରେ ରାଜମାତାଙ୍କର ମନ ଭରିଗଲା । ସେ କହିଲେ, ''କଲ୍ୟାଣି ! ମୋ ପାଖରେ ରୁହ, ମୁଁ ତୁମର ସ୍ୱାମୀଙ୍କୁ ଖୋଜିବା ପାଇଁ ବ୍ୟବସ୍ଥା କରିବି । ଯେତେବେଳେ ସେ ଆସିବେ , ସେତେବେଳେ ତୁମେ ଏଠାରେ ତାଙ୍କ ସହିତ ଦେଖା କରିବ ।'' ଦମୟନ୍ତୀ କହିଲେ, ''ମାତାଜୀ ।

Download From www.Odiabook.co.in

ମୁଁ ଗୋଟିଏ ସର୍ତ୍ତରେ ଆପଣଙ୍କ ଘରେ ରହିବି । ମୁଁ କେବେ ଅଇଁଠା ଖାଇବି ନାହିଁ; କହାରି ପାଦ ଧୋଇଦେବି ନାହିଁ ଏବଂ ପର ପୁରଷ ସହିତ କୌଣସି ପ୍ରକାର କଥାଭାଷା ହେବି ନାହିଁ । ଯଦି କେହି ପୁରୁଷ ମୋ ସହିତ ଖରାପ ବ୍ୟବହାର କରେ ତାହାହେଲେ ତାକୁ ଦଣ୍ଡ ଦେବାକୁ ହେବ । ବାରମ୍ବାର ଯଦି ସେଇଆ କରେ ତାହାହେଲେ ତାକୁ ପ୍ରାଣଦଣ୍ଡ ମଧ୍ୟ ଦେବାକୁ ହେବ । ମୁଁ ମୋର ପତିଙ୍କୁ ଖୋଜିବା ପାଇଁ ବ୍ରାହ୍ମଣମାନଙ୍କ ସହିତ କଥାବାର୍ତ୍ତା କରିବି । ଆପଣ ଯଦି ମୋର ଏହି ସର୍ତ୍ତ ସ୍ୱୀକାର କରିବେ ତେବେ ଯାଇ ମୁଁ ରହି ପାରିବି, ନଚେତ୍ ନାହିଁ ।'' ରାଜମାତା ଦମୟନ୍ତୀଙ୍କର ସର୍ତ୍ତସବୁ ଶୁଣି ବହୁତ ପ୍ରସନ୍ନ ହେଲେ ଏବଂ କହିଲେ ସେଇଆ ହିଁ ହେବ । ଏହାପରେ ସେ ତାଙ୍କର କନ୍ୟା ସୁନନ୍ଦାକୁ ଡକାଇ କହିଲେ, ''ଝିଅ ! ଦେଖ୍ ଏଇ ଦାସୀକୁ ଦେବୀ ଭାବିବୁ । ତାର ଏପରି ଅବସ୍ଥାରେ ସେ ତୁମ ସହିତ ସମାନ, ତେଣୁ ତାକୁ ସଖୀପରି ରାଜମହଲରେ ରଖ ଏବଂ ଖୁସିରେ ତାର ମନୋରଞ୍ଜନ କର ।'' ସୁନନ୍ଦା ଖୁସିରେ ଦମୟନ୍ତୀଙ୍କୁ ନିଜର ମହଲକୁ ନେଇଗଲେ । ଦମୟନ୍ତୀ ନିଜ ଇଚ୍ଛାନୁସାରେ ସର୍ତ୍ତ ପାଳନ କରି ମହଲରେ ରହିଲେ ।

—*—

ନଳଙ୍କ ରୂପ ବଦଳ, ଋତୁପର୍ଣ୍ଣଙ୍କ ପାଖରେ ସାରଥି ରହିବା, ଭୀମଙ୍କ ଦ୍ୱାରା ନଳ ଦମୟନ୍ତୀଙ୍କୁ ଖୋଜିବା ଏବଂ ଦମୟନ୍ତୀଙ୍କୁ ପାଇବା

ବୃହଦଶ୍ୱ କହିଲେ, ''ଯୁଧିଷ୍ଠିର ! ଯେଉଁ ସମୟରେ ରାଜା ନଳ

---

* ଉଚ୍ଛିଷ୍ଟଂ ନୈବ ଭୁଞ୍ଜୀୟାଂ ନ କୁର୍ଯ୍ୟାଂ ପାଦଧାବନମ୍ ।
ନ ଚାହଂ ପୁରୁଷାନନ୍ୟାନ୍ ପ୍ରଭାଷେୟଂ କଥଂଚନ ॥
ପ୍ରାର୍ଥୟେଦ୍ ଯଦି ମାଂ କଶ୍ଚିଦ୍ ଦଣ୍ଡ୍ୟସ୍ତେ ସ ପୁମାନ୍ ଭବେଦ୍ ।
ବଧ୍ୟଶ୍ଚ ତେଽସକୃନ୍ମନ୍ଦ ଇତି ମେ ବ୍ରତମାହିତମ୍ ॥
ଭର୍ତୁରନ୍ୱେଷଣାର୍ଥଂ ତୁ ପଶ୍ୟେୟଂ ବ୍ରାହ୍ମଣାନହମ୍ ।
ଯଦ୍ୟେବମିହ ବତ୍ସ୍ୟାମି ତ୍ୱତ୍ସକାଶେ ନ ସଂଶୟଃ ॥
(ମହା. ବନ. ୬୫/୬୮-୭୦)

Download From www.Odiabook.co.in

ଦମୟନ୍ତୀଙ୍କୁ ଶୋଇଥିବା ଅବସ୍ଥାରେ ଛାଡି ଆଗକୁ ଗଲେ, ସେହି ସମୟରେ ଜଙ୍ଗଲରେ ଦାବାଗ୍ନି ଲାଗିଥିଲା । ନଳ କିଛି ସମୟ ଅଟକି ଗଲେ, ତାଙ୍କୁ ଶୁଭିଲା "ରାଜା ନଳ ! ଶୀଘ୍ର ଦୌଡ଼ । ମୋତେ ବଞ୍ଚାଅ" ନଳ କହିଲେ - "ଡ଼ର ନାହିଁ ।" ସେ ଦୌଡି ଯାଇ ଦାବାଗ୍ନି ମଧ୍ୟକୁ ପଶିଗଲେ ଏବଂ ଦେଖିଲେ ନାଗରାଜ କର୍କୋଟକ କୁଣ୍ଡଳୀ ବାନ୍ଧି ପଡ଼ିଛି । ସେ ହାତ ଯୋଡି ନଳଙ୍କୁ କହିଲା, " ରାଜା ! ମୁଁ କର୍କୋଟକ ସର୍ପ ଅଟେ । ମୁଁ ତେଜସ୍ୱୀ ଋଷି ନାରଦଙ୍କୁ ଧୋକା ଦେଇଥିଲି । ସେ ଅଭିଶାପ ଦେଲେ ଯେ ଯେତେ ପର୍ଯ୍ୟନ୍ତ ରାଜାନଳ ତୁମକୁ ନ ଉଠାଇବେ, ସେତେବେଳ ପର୍ଯ୍ୟନ୍ତ ଏଠାରେ ପଡ଼ିରହ । ସେ ଉଠାଇଲେ ଯାଇ ତୁ ଶାପମୁକ୍ତ ହେବୁ । ତାଙ୍କ ଅଭିଶାପ ହେତୁ ମୁଁ ଏଠାରୁ ଗୋଟିଏ ପାଦ ମଧ୍ୟ ଆଗକୁ ଯାଇପାରୁ ନାହିଁ । ତୁମେ ଏ ଶାପରୁ ମୋତେ ରକ୍ଷାକର । ମୁଁ ତୁମକୁ ହିତ କଥା କହିବି ଏବଂ ତୁମର ମିତ୍ର ହୋଇଯିବି । ମୋତେ ଓଜନିଆ ଦେଖି ଡରନାହିଁ । ମୁଁ ବର୍ତ୍ତମାନ ହାଲୁକା ହୋଇଯାଉଛି ।" ସେ ଗୋଟିଏ ଆଙ୍ଗୁଠି ଭଳି ହୋଇଗଲା । ନଳ ତାଙ୍କୁ ଉଠାଇ ଦାବାନଳର ବାହାରକୁ ନେଇ ଆସିଲେ । କର୍କୋଟକ କହିଲା, "ରାଜା ! ତୁମେ ମୋତେ ବର୍ତ୍ତମାନ ତଳେ ରଖନାହିଁ । କିଛି ପାଦ ଗଣି କରି ଚାଲ ।" ରାଜା ନଳ ଯେତେବେଳେ ପୃଥିବୀରେ ପାଦ ପାଦ କରି ଦଶପାଦ ପକାଇଲେ ଏବଂ କହିଲେ "ଦଶ", ସେତେବେଳେ କର୍କୋଟକ ନାଗ ତାଙ୍କୁ ଦଂଶନ କରିଦେଲା । ତାର ନିୟମ ଥିଲା ଯଦି କେହି "ଦଶ" ଅର୍ଥାତ୍ "ଦଂଶ କହେ, ତାହାହେଲେ ସେ ଦଂଶନ କରେ, ଅନ୍ୟଥା ଦଂଶନ କରେନାହିଁ । କର୍କୋଟକର ଦଂଶନରେ ନଳଙ୍କର ପ୍ରଥମ ରୂପ ବଦଳିଗଲା ଏବଂ କର୍କୋଟକର ନିଜର ରୂପ ହୋଇଗଲା । ଆଶ୍ଚର୍ଯ୍ୟ ଚକିତ ହୋଇଥିବା ନଳଙ୍କୁ କହିଲା, "ରାଜା ! ତୁମକୁ କେହି ଚିହ୍ନି ପାରିବେ ନାହିଁ । ଏଣୁ ମୁଁ ତୁମର ରୂପ ବଦଳେଇ ଦେଲି । କଳିଯୁଗ ତୁମକୁ ବହୁତ ଦୁଃଖ ଦେଲାଣି, ଏବେ ମୋ ବିଷରେ ସେ ତୁମ ଶରୀରରେ ବହୁତ ଦୁଃଖୀ ରହିବ ।*

* ଯତ୍କୃତେ ତ୍ୱସି ନିକୃତୋ ଦୁଃଖେନ ମହତା ନଳ । ବିଷେଣ ସ ମଦୀୟେନ ତ୍ୱୟି ଦୁଃଖଂ ନିବତ୍ସ୍ୟତି ॥
(ମହା. ବନ. ୬୫/୬୬·୧୫)

Download From www.Odiabook.co.in

ତୁମେ ମୋତେ ରକ୍ଷା କଲ । ଏବେ ତୁମର ହିଂସ୍ର ପଶୁପକ୍ଷୀ, ଶତ୍ରୁ ଏବଂ ବ୍ରହ୍ମବେତ୍ତାମାନଙ୍କୁ ମଧ୍ୟ ଭୟ ରହିବ ନାହିଁ । ତୁମ ଉପରେ କୌଣସି ପ୍ରକାର ବିଷର ପ୍ରଭାବ ପଡିବ ନାହିଁ ଏବଂ ଯୁଦ୍ଧରେ ସର୍ବଦା ତୁମର ଜୟ ହେବ ।* ଏବେ ତୁମେ ତୁମର ନାମ ବାହୁକ ରଖ ଏବଂ ଦ୍ୟୁତରେ କୁଶଳୀ ରାଜା ଋତୁପର୍ଣ୍ଣଙ୍କର ନଗରୀ ଅଯୋଧ୍ୟାକୁ ଯାଅ । ତୁମେ ତାଙ୍କୁ ଘୋଡ଼ାମାନଙ୍କର ବିଦ୍ୟା ବତାଇବ ଏବଂ ସେ ତୁମକୁ ଦ୍ୟୁତର ରହସ୍ୟ ବତାଇ ଦେବେ । ତାପରେ ସେ ତୁମର ମିତ୍ର ହୋଇଯିବେ । ଦ୍ୟୁତର ରହସ୍ୟ ଜାଣିଯିବା ପରେ ତୁମର ପତ୍ନୀ, କନ୍ୟା, ପୁତ୍ର, ରାଜ୍ୟ ସବୁକିଛି ମିଳିଯିବ । ଯେତେବେଳେ ତୁମ ନିଜର ପ୍ରଥମ ରୂପ ଧାରଣ କରିବାକୁ ଚାହିଁବ, ସେତେବେଳେ ମୋତେ ସ୍ମରଣ କରିବ ଏବଂ ମୁଁ ଦେଇଥିବା ବସ୍ତ୍ର ଧାରଣ କରିବ ।'' ଏହା କହି କର୍କୋଟକ ଦୁଇଟି ଦିବ୍ୟ ବସ୍ତ୍ର ଦେଲେ ଏବଂ ସେଠାରୁ ଅନ୍ତର୍ଦ୍ଧାନ ହୋଇଗଲେ ।

ରାଜାନଳ ସେଠାରୁ ଚାଲି ଚାଲି ଯାଇ ଦଶମ ଦିନରେ ରାଜା ଋତୁପର୍ଣ୍ଣଙ୍କର ରାଜଧାନୀ ଅଯୋଧ୍ୟାରେ ପହଞ୍ଚିଲେ । ସେ ସେଠାରେ ରାଜଦରବାରରେ ନିବେଦନ କଲେ ମୋର ନାମ ବାହୁକ । ମୁଁ ଘୋଡ଼ାମାନଙ୍କ କାମ କରେ । ଘୋଡ଼ାମାନଙ୍କ ବିଦ୍ୟାରେ ମୋଭଳି ନିପୁଣ ପୃଥିବୀରେ ଏହି ସମୟରେ ଆଉ କେହି ନାହାନ୍ତି । ଟଙ୍କା ପଇସା ଏବଂ ଅନ୍ୟାନ୍ୟ ଗମ୍ଭୀର ସମସ୍ୟା ପାଇଁ ମୁଁ ଯଥାଯୋଗ୍ୟ ସମ୍ମତି ଦେଇପାରିବି ଏବଂ ରୋଷେଇ କରିବାରେ ମଧ୍ୟ ମୁଁ ଧୁରନ୍ଧର । ହସ୍ତ କୌଶଳର ସମସ୍ତ କାମ ଏବଂ ଅନ୍ୟାନ୍ୟ କଠିନ କାମ କରିବା ପାଇଁ ମୁଁ ଚେଷ୍ଟାକରିବି । ଆପଣ କାମ ପାଇବା ପାଇଁ ନିଶ୍ଚିତ ହୋଇ ମୋତେ ରଖନ୍ତୁ । ଋତୁପର୍ଣ୍ଣ କହିଲେ, ''ବାହୁକ ! ତୁମେ ଆସିଲ ଭଲହେଲା । ତୁମର ଜିମାରେ ସବୁକାମ ରହିବ । କିନ୍ତୁ ମୁଁ

---

* ନ ତେ ଭୟଂ ନରବ୍ୟାଘ୍ର ଦଂଷ୍ଟ୍ରିଭ୍ୟଃ ଶତ୍ରୁତୋଽପି ବା । ବ୍ରହ୍ମବିଦ୍‌ଭ୍ୟଶ୍ଚ ଭବିତା ମତ୍ପ୍ରସାଦାନ୍ନରାଧିପ ॥
ରାଜନ୍ ବିଷନିମିତ୍ତା ଚ ନ ତେ ପୀଡା ଭବିଷ୍ୟତି । ସଂଗ୍ରାମେଷୁ ଚ ରାଜେନ୍ଦ୍ର ଶଶ୍ୱଜ୍ଜୟମବାପ୍ସ୍ୟସି ॥
(ମହା. ବନ. ୬୬/୧୮-୧୯)

Download From www.Odiabook.co.in

ବେଗଗାମୀ ଯାନକୁ ବିଶେଷ ପସନ୍ଦ କରେ, ତେଣୁ ତୁମେ ଏମିତି ଚେଷ୍ଟାକର ଯେମିତି ମୋର ଘୋଡ଼ାମାନଙ୍କର ଦୌଡ଼ ସବୁଠୁ ଶୀଘ୍ର ହେବ । ମୁଁ ତୁମକୁ ଅଶ୍ୱଶାଳାର ଅଧ୍ୟକ୍ଷ କଲି । ତୁମକୁ ପ୍ରତି ମାସରେ ଦଶ ହଜାର ସୁନା ମୋହର ମିଳିବ । ଏହା ବ୍ୟତୀତ ବାର୍ଷ୍ଣେୟ (ନଳଙ୍କର ପୁରୁଣା ସାରଥି) ଏବଂ ଜୀବକ ସବୁବେଳେ ତୁମ ପାଖରେ ଉପସ୍ଥିତ ରହିବେ । ତୁମେ ଆନନ୍ଦରେ ମୋର ଦରବାରରେ ରୁହ ।'' ରାଜା ଋତୁପର୍ଣ୍ଣଙ୍କର ସହାର ପାଇ ରାଜାନଳ ବାହୁକ ରୂପରେ ବାର୍ଷ୍ଣେୟ ଏବଂ ଜୀବକଙ୍କ ସାଥିରେ ଅଯୋଧ୍ୟାରେ ରହିଲେ । ରାଜାନଳ ପ୍ରତିଦିନ ରାତିରେ ଦମୟନ୍ତୀଙ୍କୁ ସ୍ମରଣ କରି କହନ୍ତି, ''ହାୟ-ହାୟ ତପସ୍ୱିନୀ ଦମୟନ୍ତୀ ଭୋକ ଶୋଷରେ ଥକି ଯାଇ ଏ ମୂର୍ଖକୁ ସ୍ମରଣ କରୁଥିବ କିବା ଜାଣେନା କେଉଁଠାରେ ଶୋଇଥିବ ?'' ଏହିପରି ସେ ଅନେକ କଥା ଭାବନ୍ତି ଏବଂ ଋତୁପର୍ଣ୍ଣଙ୍କ ପାଖରେ ଏପରି ରହନ୍ତି ଯେପରି ତାଙ୍କୁ କେହି ଚିହ୍ନି ନ ପାରନ୍ତି ।

ଯେତେବେଳେ ବିଦର୍ଭ ନରେଶ ଭୀମ ଜାଣିଲେଯେ ତାଙ୍କର ଜାମାତା ନଳ ରାଜ୍ୟ ହରାଇ ତାଙ୍କର କନ୍ୟା ସହିତ ବନକୁ ଚାଲି ଯାଇଛନ୍ତି, ସେତେବେଳେ ସେ ବ୍ରାହ୍ମଣମାନଙ୍କୁ ଡକାଇ ସେମାନଙ୍କୁ ବହୁତ ଧନଦେଇ କହିଲେ, ''ଆପଣମାନେ ପୃଥିବୀର ସର୍ବତ୍ର ଯାଇ ନଳ ଦମୟନ୍ତୀଙ୍କ ଠିକଣା ବୁଝନ୍ତୁ ଏବଂ ସେମାନଙ୍କୁ ଖୋଜି ଆଣନ୍ତୁ । ଯେଉଁ ବ୍ରାହ୍ମଣ ଏକାମ ପୂରା କରିଦେବ ତାକୁ ଏକ ସହସ୍ର ଗାଈ ଏବଂ ଜାଗିରୀ ମିଳିବ । ଯଦି ଆପଣ ମାନେ ତାଙ୍କୁ ଆଣି ନପାରି କେବଳ କେଉଁଠାରେ ଅଛନ୍ତି ଜଣାଇବେ ତେବେ ବି ଦଶ ହଜାର ଗାଈ ଦିଆଯିବ ।'' ବ୍ରାହ୍ମଣମାନେ ପ୍ରସନ୍ନତାର ସହିତ ନଳଦମୟନ୍ତୀଙ୍କୁ ଖୋଜିବା ପାଇଁ ବାହାରି ପଡ଼ିଲେ ।

ସୁଦେବ ନାମକ ବ୍ରାହ୍ମଣ ନଳ ଦମୟନ୍ତୀଙ୍କୁ ଖୋଜିବା ପାଇଁ ଚେଦି ନରେଶଙ୍କର ରାଜଧାନୀକୁ ଗଲେ । ସେ ଦିନେ ରାଜ ମହଲରେ ଦମୟନ୍ତୀଙ୍କୁ ଦେଖିଦେଲେ । ସେହି ସମୟରେ ରାଜାଙ୍କ ମହଲରେ ପୁଣ୍ୟ ଯଜ୍ଞ ହେଉଥିଲା ଏବଂ ଦମୟନ୍ତୀ ସୁନନ୍ଦା ଏକାଠି ବସି ଏହି ମଙ୍ଗଳ କୃତ୍ୟ ଦେଖୁଥିଲେ । ସୁଦେବ ବ୍ରାହ୍ମଣ ଦମୟନ୍ତୀଙ୍କୁ ଦେଖି ଭାବିଲେ ପ୍ରକୃତରେ ଏହି ହେଉଛନ୍ତି

Download From www.Odiabook.co.in

ଭୀମନନ୍ଦିନୀ । ମୁଁ ପ୍ରଥମରୁ ତାଙ୍କର ଯେମିତି ରୂପ ଦେଖିଥିଲି, ସେହିପରି ମଧ୍ୟ ଏବେ ଦେଖୁଛି । ବହୁତ ଭଲ ହେଲା । ଏହାଙ୍କୁ ଦେଖି ନେଇ ମୋର ଯାତ୍ରା ସଫଳ ହୋଇଗଲା ।ସୁଦେବ ଦମୟନ୍ତୀଙ୍କ ପାଖକୁ ଗଲେ ଏବଂ କହିଲେ, ''ବିଦର୍ଭ ନନ୍ଦିନି ! ମୁଁ ତୁମର ଭାଇଙ୍କର ମିତ୍ର ସୁଦେବ ବ୍ରାହ୍ମଣ ଅଟେ । ରାଜା ଭୀମଙ୍କର ଆଜ୍ଞାରେ ତୁମକୁ ଖୋଜିବା ପାଇଁ ଏଠାକୁ ଆସିଛି । ତୁମର ମାତା, ପିତା ଏବଂ ଭାଇ ଆନନ୍ଦରେ ଅଛନ୍ତି । ତୁମର ଦୁଇ ପିଲା ମଧ ବିଦର୍ଭ ଦେଶରେ କୁଶଳରେ ଅଛନ୍ତି । ତୁମର ବିଛେଦରେ ସମସ୍ତ କୁଟୁମ୍ବ ପ୍ରାଣହୀନ ଭଳି ହୋଇଯାଇଛନ୍ତି ଏବଂ ତୁମକୁ ଖୋଜିବା ପାଇଁ ଶହ ଶହ ବ୍ରାହ୍ମଣ ପୃଥିବୀ ସାରା ବୁଲୁଛନ୍ତି ।'' ଦମୟନ୍ତୀ ବ୍ରାହ୍ମଣଙ୍କୁ ଚିହ୍ନିନେଲେ । ସେ ଜଣ ଜଣ କରି ସମସ୍ତଙ୍କର କୁଶଳ ମଙ୍ଗଳ ପଚାରିଲେ ଏବଂ ପଚାରୁଁ ପଚାରୁଁ କାନ୍ଦି ପକାଇଲେ । ସୁନନ୍ଦା ଦମୟନ୍ତୀଙ୍କୁ କଥା କହୁଁ କହୁଁ କାନ୍ଦିବାର ଦେଖି ଘାବରେଇ ଗଲେ ଏବଂ ତାଙ୍କ ମାତାଙ୍କ ପାଖକୁ ଯାଇ ସବୁ ହାଲ କହିଲେ । ରାଜମାତା ଶୀଘ୍ର ଅନ୍ତଃପୁରରୁ ଆସିଲେ ଏବଂ ବ୍ରାହ୍ମଣଙ୍କ ପାଖକୁ ଯାଇ ପଚାରିଲେ, ''ମହାରାଜା ! ଯେ କାହର ପତ୍ନୀ, କାହାର କନ୍ୟା, ନିଜର ଘର ବାଲାଙ୍କୁ କିପରି ଛାଡ଼ି ଆସିଲା ? ତୁମେ ଏହାକୁ କିପରି ଚିହ୍ନିଲ ?'' ସୁଦେବ ନଳ ଦମୟନ୍ତୀଙ୍କର ପୂରା କାହାଣୀ ଶୁଣାଇଲେ ଏବଂ କହିଲେ ଯେପରି ପାଉଁଶରେ ଦବିକରି ରହିଥିବା ଅଗ୍ନି ଗରମରୁ ଜଣାଯାଏ, ମୁଁ ସେପରି ଏହି ଦେବୀଙ୍କର ସୁନ୍ଦର ରୂପ ଏବଂ କପାଳରୁ ତାଙ୍କୁ ଚିହ୍ନିନେଲି । ସୁନନ୍ଦା ନିଜ ହାତରେ ଦମୟନ୍ତୀଙ୍କର କପାଳ ଧୋଇଦେଲେ, ଯଦ୍ଦ୍ୱାରା ତାଙ୍କ ମୁଖମଣ୍ଡଳର ମଝିରେ ଲାଲ ଚିହ୍ନ ଚନ୍ଦ୍ରମା ପରି ଦେଖାଗଲା । କପାଳରେ ସେହି ତିଳ ଚିହ୍ନ ଦେଖି ସୁନନ୍ଦା ଏବଂ ରାଜମାତା ଦୁଇଜଣ କାନ୍ଦି ପକାଇଲେ । ସେମାନେ ଦି ଘଡ଼ିଏ ଯାଏ ଦମୟନ୍ତୀଙ୍କୁ ନିଜ ଛାତିରେ ଭିଡ଼ିଧରିଲେ । ରାଜମାତା କହିଲେ, ''ଦମୟନ୍ତୀ ! ମୁଁ ଏହି ତିଳରୁ ଚିହ୍ନିପାରୁଛି ତୁ ମୋର ଭଉଣୀ କନ୍ୟା । ତୋ ମାତା ମୋ ନିଜ ଭଉଣୀ । ଆମେ ଦୁଇଜଣ ଦଶାର୍ଣ୍ଣ ଦେଶର ରାଜା ସୁଦାମାଙ୍କର କନ୍ୟା ଅଟୁ । ତୁମର ଜନ୍ମ ମୋ ପିତାଙ୍କ ଘରେ ହୋଇଥିଲା ।

Download From www.Odiabook.co.in

ସେହି ସମୟରେ ମୁଁ ତୁମକୁ ଦେଖିଥିଲି । ତୁମର ପିତାଙ୍କର ଘର ଯେପରି ତୁମର, ସେହିପରି ଏହି ଘର ମଧ୍ୟ ତୁମର । ଏଠାକାର ସମ୍ପତ୍ତି ଯେପରି ମୋର, ସେହିପରି ମଧ୍ୟ ତୁମର । ଦମୟନ୍ତୀ ଏହାଶୁଣି ବହୁତ ଖୁସି ହେଲେ । ସେ ନିଜର ମାଉସୀଙ୍କୁ ପ୍ରଣାମ କରି କହିଲେ, "ମା" ତୁମେ ମୋତେ ନ ଚିହ୍ନିଲତ କଣ ହେଲା । ମୁଁତ ଏଠାରେ ତୁମର ଝିଅ ଭଳି ରହିଛି । ତୁମେ ମୋର ମନୋବାଞ୍ଛା ପୂର୍ଣ୍ଣ କରିଛ ତଥା ମୋତେ ରକ୍ଷା କରିଛ । ଏଥିରେ ମୋର ସନ୍ଦେହ ନାହିଁ ଯେ ମୁଁ ଏଠାରେ ବର୍ତ୍ତମାନ ଆହୁରି ଖୁସିରେ ରହିବି । କିନ୍ତୁ ମୁଁ ମହୁତ ଦିନରୁ ଘୂରୁଛି । ମୋର ଛୋଟ ଛୋଟ ଦୁଇଟି ପିଲା ପିତାଙ୍କ ଘରେ ଅଛନ୍ତି । ସେମାନେ ତାଙ୍କର ପିତାଙ୍କ ବିଚ୍ଛେଦରେ ଦୁଃଖୀ ହେଉଥିବେ । ଜାଣେ ନାହିଁ ସେମାନଙ୍କର କଣ ଦଶା ହେବ । ଆପଣ ଯଦି ମୋର ହିତ ଚାହାଁନ୍ତି ତାହାହେଲେ ମୋତେ ବିଦର୍ଭ ଦେଶକୁ ପଠାଇ ମୋର ଇଚ୍ଛା ପୂରଣ କରନ୍ତୁ ।" ରାଜମାତା ଏହାଶୁଣି ବହୁତ ଖୁସିହେଲେ । ସେ ନିଜର ପୁତ୍ରଙ୍କୁ କହି ପାଲିଙ୍କି ମଗାଇଲେ । ଖାଇବା ଜିନିଷ, ବସ୍ତ୍ର ଏବଂ ଅନ୍ୟାନ୍ୟ ବସ୍ତୁ ବହୁତ ଦେଇ ଏକ ବଡ଼ ସୈନ୍ୟଦଳଙ୍କ ତତ୍ତ୍ୱାବଧାନରେ ଦମୟନ୍ତୀଙ୍କୁ ବିଦା କରିଦେଲେ । ବିଦର୍ଭ ଦେଶରେ ଦମୟନ୍ତୀଙ୍କୁ ବହୁତ ସତ୍କାର କଲେ । ଦମୟନ୍ତୀଙ୍କର ନିଜରଭାଇ, ପିଲାମାନେ, ମାତା, ପିତା ଏବଂ ସଖୀମାନଙ୍କ ସହିତ ମିଳନ ହେଲା । ସେ ଦେବତା ଏବଂ ବ୍ରାହ୍ମଣମାନଙ୍କୁ ପୂଜାକଲେ । ରାଜା ଭୀମଙ୍କୁ ନିଜର କନ୍ୟା ମିଳିଯିବାରୁ ସେ ବହୁତ ପ୍ରସନ୍ନ ହେଲେ । ସେ ସୁଦେବ ବ୍ରାହ୍ମଣଙ୍କୁ ଏକ ହଜାର ଗାଈ, ଗ୍ରାମ ତଥା ଧନ ଦେଇ ସନ୍ତୁଷ୍ଟ କଲେ ।

—*—

ନଳଙ୍କୁ ଖୋଜିବା, ଋତୁପର୍ଣ୍ଣଙ୍କର ବିଦର୍ଭ ଯାତ୍ରା, କଳିଯୁଗର ବହିଷ୍କାର

ବୃହଦଶ୍ୱ ଋଷି କହିଲେ, "ଯୁଧିଷ୍ଠିର ! ନିଜ ପିତା ଘରେ ଦିନେ ବିଶ୍ରାମ କରି ଦମୟନ୍ତୀ ନିଜର ମାତାଙ୍କୁ କହିଲେ, "ମାତାଜୀ ! ମୁଁ ତୁମକୁ

Download From www.Odiabook.co.in

ସତ୍ୟ କହୁଛି, ଯଦି ମୋତେ ଜୀବିତ ରଖିବାକୁ ଚାହଁ, ତାହାହେଲେ ମୋର ପତି ଦେବତାଙ୍କୁ ଖୋଜିବା ପାଇଁ ଚେଷ୍ଟା କର ।'' ରାଣୀ ବହୁତ ଦୁଃଖରେ ନିଜର ସ୍ୱାମୀ ଭୀମଙ୍କୁ କହିଲେ, ''ସ୍ୱାମୀ ! ଦମୟନ୍ତୀ ନିଜର ସ୍ୱାମୀ ପାଇଁ ବହୁତ ବ୍ୟାକୁଳ । ସେ ସଂକୋଚ ନକରି ମୋତେ କହିଲା, ତାଙ୍କୁ ଖୋଜିବାକୁ ଚେଷ୍ଟା କରିବା ଉଚିତ୍ ।'' ଏହାଶୁଣି ରାଜା ନିଜର ଆଶ୍ରିତ ବ୍ରାହ୍ମଣମାନଙ୍କୁ ଡକାଇଲେ ଏବଂ ନଳଙ୍କୁ ଖୋଜିବା ପାଇଁ ସେମାନଙ୍କୁ ନିଯୁକ୍ତ କଲେ । ବ୍ରାହ୍ମଣମାନେ ଦମୟନ୍ତୀଙ୍କ ପାଖକୁ ଯାଇ କହିଲେ ''ଏବେ ଆମେ ନଳଙ୍କୁ ଠାବ କରିବା ପାଇଁ ଯାଉଛୁ ।'' ଦମୟନ୍ତୀ ବ୍ରାହ୍ମଣମାନଙ୍କୁ କହିଲେ, ''ଆପଣମାନେ ଯେଉଁ ରାଜ୍ୟକୁ ଯିବେ ସେଠାରେ ମନୁଷ୍ୟଙ୍କ ଗହଳିରେ ଏହି କଥା କହିବେ - 'ମୋର ପ୍ରେମ ଛଳିଆ ! ତୁମେ ମୋ ଶାଢ଼ୀରୁ ଅଧା ଚିରି, ମୋ ଭଳି ଦାସୀକୁ ବନରେ ଶୋଇଥିବା ଅବସ୍ଥାରେ ଛାଡ଼ିଦେଇ କେଉଁଠିକି ଚାଲିଗଲ ? ତୁମର ସେଇ ଦାସୀ ଏବେ ମଧ୍ୟ ସେହି ଅବସ୍ଥାରେ ଅଧା ଶାଢ଼ୀ ପିନ୍ଧି ତୁମର ଆସିବା ବାଟକୁ ଚାହିଁ ରହିଛି ଏବଂ ତୁମ ବିଚ୍ଛେଦରେ ଦୁଃଖିନୀ ଅଛି ।'* ତାଙ୍କ ଆଗରେ ମୋ ଦୁର୍ଦ୍ଦଶା ବର୍ଣ୍ଣନା କରିବେ ଏବଂ ଏମିତି କଥା କହିବେ, ଯେପରି ସେ ପ୍ରସନ୍ନ ହୋଇ ମୋ ଉପରେ ଦୟା କରିବେ । ମୋ କଥା କହିବା ପରେ ଯଦି ଆପଣଙ୍କୁ କେହି ଉତ୍ତର ଦିଅନ୍ତି, ତାହାହେଲେ ସେ କିଏ, କେଉଁଠାରେ ରହୁଛନ୍ତି - ଏକଥାର ଠିକଣା ଲଗାଇବେ ଏବଂ ତାଙ୍କର ଉତ୍ତର ମନେରଖି ମୋତେ ଶୁଣାଇବ । ଏ କଥାରେ ମଧ୍ୟ ଧ୍ୟାନ ରଖିଥିବେ ଯେ ସେ ଯେପରି ଜାଣି ନ ପାରନ୍ତି ଆପଣମାନେ ଏହିକଥା ମୋ ଆଜ୍ଞାରେ କହୁଛନ୍ତି ।'' ବ୍ରାହ୍ମଣମାନେ ଦମୟନ୍ତୀଙ୍କ ନିର୍ଦ୍ଦେଶାନୁସାରେ ରାଜାନଳଙ୍କୁ ଖୋଜିବା ପାଇଁ ବାହାରି ପଡ଼ିଲେ ।

ବହୁତ ଦିନ ଖୋଜିବା ପରେ ପର୍ଣ୍ଣାଦ ନାମକ ବ୍ରାହ୍ମଣ ମହଲକୁ

---

* କ୍ୱ ନୁ ତ୍ୱଂ କିତବଚ୍ଛିତ୍ତ୍ୱା ବସ୍ତ୍ରାର୍ଧଂ ପ୍ରସ୍ଥିତୋ ମମ । ଉତ୍ସୃଜ୍ୟ ବିପିନେ ସୁପ୍ତାମନୁରକ୍ତାଂ ପ୍ରିୟାଂ ପ୍ରିୟ ॥
ସ ବୈ ଯଥା ତ୍ୱୟା ଦୃଷ୍ଟା ତଥାଽସ୍ତେ ତ୍ୱତ୍ପ୍ରତୀକ୍ଷିଣୀ । ଦହ୍ୟମାନା ଭୃଶଂ ବାଲା ବସ୍ତ୍ରାର୍ଧେନାଭିସଂବୃତା ॥
(ମହା. ବନ. ୬୯/୩୭-୩୮)

Download From www.Odiabook.co.in

ଆସି ଦମୟନ୍ତୀଙ୍କୁ କହିଲା, ''ରାଜକୁମାରି ! ମୁଁ ଆପଣଙ୍କ ନିର୍ଦ୍ଦେଶ ଅନୁସାରେ ନଳଙ୍କୁ ଖୋଜିବା ପାଇଁ ଅଯୋଧ୍ୟାରେ ଯାଇ ପହଞ୍ଚିଲି । ସେଠାରେ ମୁଁ ରାଜା ଋତୁପର୍ଣ୍ଣଙ୍କ ପାଖକୁ ଯାଇ ଭରା ସଭାରେ ତୁମର କଥାକୁ ଦୋହରେଇଲି । କିନ୍ତୁ ସେଠାରେ କେହି କିଛି ଉତ୍ତର ଦେଲେ ନାହିଁ । ଯେତେବେଳେ ମୁଁ ଆସିବାକୁ ବାହାରିଲି, ସେତେବେଳେ ତାଙ୍କର ବାହୁକ ନାମକ, ସାରଥି ମୋତେ ନିରୋଳାକୁ ଡ଼କାଇ କିଛି କହିଲେ । ଦେବୀ ! ସେହି ସାରଥି ରାଜା ଋତୁପର୍ଣ୍ଣଙ୍କର ଘୋଡାକୁ ଶିକ୍ଷାଦିଏ, ସୁଆଦିଆ ଭୋଜନ ବନାଏ, କିନ୍ତୁ ତାର ହାତ ଛୋଟ ଏବଂ ଶରୀର କୁରୂପ ଅଟେ । ସେ ଲମ୍ୱା ଶ୍ୱାସ ନେଇ କାନ୍ଦିକରି କହିଲେ, ''କୁଳୀନ ସ୍ତ୍ରୀ ମାନେ ଘୋର କଷ୍ଟ ପାଇଲେ ମଧ୍ୟ ନିଜର ସ୍ୱଭାବ ରକ୍ଷା କରନ୍ତି ଏବଂ ନିଜର ସତୀତ୍ୱ ବଳରେ ସ୍ୱର୍ଗ ଜିଣି ଯାଆନ୍ତି । ତେବେ ଯଦି ତାଙ୍କର ପତି ତ୍ୟାଗ କରି ଦିଅନ୍ତି ତ, ସେ କ୍ରୋଧ ନକରି ନିଜର ସଦାଚାର ରକ୍ଷା କରନ୍ତି ।* ତ୍ୟାଗ କରିଥିବା ପୁରୁଷ ବିପତ୍ତିରେ ପଡ଼ିବା କାରଣରୁ ଦୁଃଖୀ ଏବଂ ଚେତନା ହୀନ ହୋଇଥାଏ । ତେଣୁ ତାଙ୍କ ଉପରେ କ୍ରୋଧ କରିବା ଉଚିତ ନୁହେଁ । ମାନି ନିଅ ଯେ ପତି ନିଜ ପତ୍ନୀର ଯୋଗ୍ୟ ସତ୍କାର କଲାନାହିଁ । କିନ୍ତୁ ସେହି ସମୟରେ ସେ ରାଜ୍ୟ ଧନ ହରା, କ୍ଷୁଧାତୁର, ଦୁଃଖୀ ଏବଂ ଦୁର୍ଦ୍ଦଶା ଗ୍ରସ୍ତ ଥିଲେ । ଏହି ଅବସ୍ଥାରେ ତାଙ୍କ ଉପରେ କ୍ରୋଧ କରିବା ଉଚିତ ନୁହେଁ । ଯେତେବେଳେ ସେ ନିଜର ପ୍ରାଣ ରକ୍ଷା ପାଇଁ ଜୀବିକା ଚାହୁଁଥିଲେ, ସେତେବେଳେ ପକ୍ଷୀ ତାଙ୍କର ବସ୍ତ୍ର ନେଇ ଉଡ଼ିଗଲେ । ତାଙ୍କର ହୃଦୟର ପୀଡା ଅସହ୍ୟ ଥିଲା । ରାଜକୁମାରି ! ବାହୁକର ଏହି କଥା ସୁଣି ମୁଁ ତୁମକୁ ଶୁଣାଇବା ପାଇଁ ଆସିଛି । ତୁମେ ଯାହା ଉଚିତ୍ ଭାବୁଛ କର । ଚାହଁତ ମହାରାଜାଙ୍କୁ ମଧ୍ୟ କହିଦିଅ ।''

ବ୍ରାହ୍ମଣର କଥା ଶୁଣି ଦମୟନ୍ତୀଙ୍କର ଆଖି ଅଶ୍ରୁପୂର୍ଣ୍ଣ ହୋଇଗଲା ।

---

* ବୈଷମ୍ୟମପି ସମ୍ପ୍ରାପ୍ୟ ଗୋପାୟନ୍ତି କୁଲସ୍ତ୍ରିୟଃ । ଆତ୍ମାନମାତ୍ମନା ସତ୍ୟୋ ଜିତଃ ସ୍ୱର୍ଗୋ ନ ସଂଶୟଃ ॥
ରହିତା ଭର୍ତୃଭିଶ୍ଚୈବ ନ କୁପ୍ୟନ୍ତି କଦାଚନ । ପ୍ରାଣାଂଶ୍ଚାରିତ୍ରକବଚାନ୍ ଧାରୟନ୍ତି ବରସ୍ତ୍ରିୟଃ ॥
(ମହା. ବନ. ୭୦/୮-୯)

Download From www.Odiabook.co.in

ସେ ନିଜର ମାଙ୍କୁ ନିରୋଳାରେ କହିଲେ, ''ମା ! ତୁମେ ଏକଥା ପିତାଙ୍କୁ କୁହ ନାହିଁ । ମୁଁ ସୁଦେବ ବ୍ରାହ୍ମଣଙ୍କୁ ଏହି କାମରେ ନିଯୁକ୍ତି କରୁଛି । ଯେପରି ସୁଦେବ ଶୁଭ ମୁହୂର୍ତ୍ତରେ ମୋତେ ଏଠାରେ ପହଞ୍ଚାଇ ଥିଲା, ସେହିପରି ଶୁଭବେଳା ଦେଖି ଅଯୋଧ୍ୟା ଯାଉ ଏବଂ ମୋ ପତି ଦେବତାଙ୍କୁ ଆଣିବା ପାଇଁ ଚେଷ୍ଟା କରୁ ।'' ଏହାପରେ ଦମୟନ୍ତୀ ପର୍ଣ୍ଣଦଙ୍କର ସତ୍କାର କରି ତାଙ୍କୁ ବିଦାକଲେ ଏବଂ ସୁଦେବଙ୍କୁ ଡ଼କାଇଲେ । ଦମୟନ୍ତୀ ସୁଦେବଙ୍କୁ କହିଲେ, ''ବ୍ରାହ୍ମଣ ଦେବତା ! ଆପଣ ଶୀଘ୍ର ଅଯୋଧ୍ୟା ନଗରୀକୁ ଯାଇ ରାଜା ଋତୁପର୍ଣ୍ଣଙ୍କୁ କୁହନ୍ତୁ ଯେ ଭୀମଙ୍କର କନ୍ୟା ଦମୟନ୍ତୀ ପୁଣି ସ୍ୱୟମ୍ବରରେ ନିଜ ଇଚ୍ଛାନୁସାରେ ପତି ବରଣ କରିବାକୁ ଚାହେଁ । ବଡ଼ ବଡ଼ ରାଜା ଏବଂ ରାଜକୁମାର ସ୍ୱୟମ୍ବରକୁ ଯାଇଛନ୍ତି । ସ୍ୱୟମ୍ବରର ତିଥି ଆସନ୍ତାକାଲି । ନଳ ବଞ୍ଚିଛନ୍ତି କିବା ମରିଛନ୍ତି କାହାରିକୁ ଜଣା ନାହିଁ, ତେଣୁ ସେ କାଲି ସୂର୍ଯ୍ୟୋଦୟ ସମୟରେ ଅନ୍ୟପତି ବରଣ କରିବେ ।'' ଦମୟନ୍ତୀଙ୍କ କଥା ଶୁଣି ସୁଦେବ ଅଯୋଧ୍ୟା ଯାଇ ରାଜା ଋତୁପର୍ଣ୍ଣଙ୍କୁ କହିଲେ ।

ରାଜା ଋତୁପର୍ଣ୍ଣ ସୁଦେବ ବ୍ରାହ୍ମଣର କଥା ଶୁଣି ବାହୁକଙ୍କୁ ଡକାଇଲେ ଏବଂ ମଧୁର କରି ବୁଝାଇ କହିଲେ, ''ବାହୁକ ! ଆସନ୍ତା କାଲି ଦମୟନ୍ତୀର ସ୍ୱୟମ୍ବର । ତେଣୁ ମୁଁ ଗୋଟିଏ ଦିନରେ ବିଦର୍ଭଦେଶରେ ପହଞ୍ଚିବାକୁ ଚାହୁଁଛି । କିନ୍ତୁ ତୁମେ ଯଦି ଶୀଘ୍ର ସେଠାରେ ପହଞ୍ଚାଇବ, ତାହାହେଲେ ମୁଁ ଯିବି ।'' ଋତୁପର୍ଣ୍ଣଙ୍କର କଥା ଶୁଣି ନଳଙ୍କର କଲିଜା ଫାଟିଯିବା ଭଳି ଲାଗିଲା । ସେ ମନେ ମନେ ଭାବିଲେ ଦମୟନ୍ତୀ ଦୁଃଖରେ ଅଚେତ ହୋଇ ଏପରି କହିଦେଇଥିବ । ଏପରି ମଧ୍ୟ ହୋଇପାରେ ସେ ଏହା କରିବାକୁ ଚାହୁଁଥିବ, ନାଇଁ ନାଇଁ, ହୁଏତ ମୋତେ ପାଇବା ପାଇଁ ଏମିତି ଯୁକ୍ତି କରିଥିବ । ସେ ପତିବ୍ରତା, ତପସ୍ୱୀନୀ ଏବଂ ଦୁଃଖିନୀ ମଧ୍ୟ । ମୋର ଦୁର୍ବୁଦ୍ଧିରୁ ମୁଁ ତାକୁ ତ୍ୟାଗ କରି ବଡ଼ କ୍ରୁରତା କରିଛି । ଅପରାଧ ମୋର । ସେ କେବେ ଏପରି କରି ପାରିବ ନାହିଁ । ସତ୍ୟ କେଉଁଟା ଅସତ୍ୟ କେଉଁଟା - ଏ କଥା ତ ସେଠାକୁ ଗଲାପରେ ଯାଇ ଜଣା ପଡ଼ିବ । କିନ୍ତୁ ଋତୁପର୍ଣ୍ଣଙ୍କର ଇଚ୍ଛା ପୂରଣ କରିବାରେ ମୋର ମଧ୍ୟ ସ୍ୱାର୍ଥ ଅଛି ।'' ବାହୁକ ହାତ ଯୋଡ଼ି

Download From www.Odiabook.co.in

କହିଲା, ''ମୁଁ ଆପଣଙ୍କ କଥା ଅନୁସାରେ କାର୍ଯ୍ୟ କରିବାକୁ ପ୍ରତିଜ୍ଞା କରୁଛି ।'' ବାହୁକ ଅଶ୍ୱଶାଳକୁ ଯାଇ ଶ୍ରେଷ୍ଠ ଘୋଡ଼ାମାନଙ୍କୁ ପରୀକ୍ଷା କଲେ । ଆଚ୍ଛା ଜାତିର ଗ୍ୱରୋଟି ଶୀଘ୍ରଗାମୀ ଘୋଡ଼ା ରଥରେ ଯୋଚି ଦେଲେ । ରାଜା ଋତୁପର୍ଣ୍ଣ ରଥ ଉପରେ ଯାଇ ବସିଗଲେ ।

ଯେପରି ଉଡ଼ନ୍ତା ପକ୍ଷୀ ଆକାଶରେ ଉଡେ, ସେହିପରି ବାହୁକର ରଥ କିଛି ସମୟରେ ନଦୀ, ପର୍ବତ ଏବଂ ବନକୁ ଲଘଁଗଲେ । ଗୋଟିଏ ସ୍ଥାନରେ ରାଜା ଋତୁପର୍ଣ୍ଣଙ୍କର ଉତ୍ତରୀ ତଳକୁ ଗଳି ପଡ଼ିଲା । ସେ ବାହୁକକୁ କହିଲେ, ''ରଥ ବନ୍ଦ କର, ମୁଁ ବାର୍ଷ୍ଣେୟକୁ କହି ତାକୁ ଉଠାଇ ଆଣେ ।'' ନଳ କହିଲେ, ଆପଣଙ୍କର ବସ୍ତ୍ର ବର୍ତ୍ତମାନ ପଡିଗଲା , କିନ୍ତୁ ଆମେ ଏବେ ସେଠାରୁ ଏକ ଯୋଜନ ଆଗେଇ ଆସିଲୁଣି । ବର୍ତ୍ତମାନ ତାହା ଆଉ ଅଣା ଯାଇ ପାରିବନି ।'' ଯେଉଁ ସମୟରେ ଏହି କଥାବାର୍ତ୍ତା ହେଉଥିଲେ, ସେତେବେଳେ ରଥ ଗୋଟିଏ ବଣରେ ଯାଉଥିଲା । ଋତୁପର୍ଣ୍ଣ କହିଲେ, ''ତୁମେ ମୋର ଗଣିତ ବିଦ୍ୟାର ପାରଙ୍ଗମତା ଦେଖ । ସମ୍ମୁଖରେ ଥିବା ବୃକ୍ଷର ଦୁଇ ଶାଖାରେ ପାଞ୍ଚ କୋଟି ପତ୍ର ଅଛି ଓ ଦୁଇ ହଜାର ପଞ୍ଚାନବେ ଫଳ ଅଛି । ତୁମର ଯଦି ଇଚ୍ଛା ହେଉଛି ତାହାହେଲେ ଗଣି ନିଅ ।'' ବାହୁକ ରଥ ଠିଆ କରାଇ କହିଲା, ''ମୁଁ ଏଇ ବାହାଡା ବୃକ୍ଷକୁ କାଟି ଏହାର ଫଳ ଓ ପତ୍ରକୁ ଗଣିକରି ଜାଣିବି ।'' ବାହୁକ ସେହିପରି କଲେ । ରାଜା ଯେମିତି ବତାଇଥିଲେ ଫଳ ଓ ପତ୍ର ସେତିକି ମଧ୍ୟ ହେଲା । ନଳ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ । ସେ କହିଲେ, ''ଆପଣଙ୍କର ବିଦ୍ୟା ଅଦ୍ଭୁତ ଅଟେ । ଆପଣ ମୋତେ ସେହି ବିଦ୍ୟା ବତାଇ ଦିଅନ୍ତୁ ।'' ଋତୁପର୍ଣ୍ଣ କହିଲେ, ''ଗଣିତ ବିଦ୍ୟାଭଳି ପଶା ବଶୀକରଣ ବିଦ୍ୟାରେ ମୁଁ ମଧ୍ୟ ନିପୁଣ ଅଟେ । ବାହୁକ କହିଲେ, ''ଆପଣ ମୋତେ ଏଇ ବିଦ୍ୟା ଯଦି ଶିଖାଇ ଦେବେ ତେବେ ମୁଁ ଆପଣଙ୍କୁ ଘୋଡ଼ା ମାନଙ୍କର ବିଦ୍ୟା ଶିଖାଇ ଦେବି । '' ଋତୁପର୍ଣ୍ଣଙ୍କୁ ବିଦର୍ଭ ଦେଶରେ ଶୀଘ୍ର ପହଞ୍ଚିବାର ଥିଲା ଏବଂ ଅଶ୍ୱବିଦ୍ୟା ଶିଖିବାର ଲୋଭ ମଧ୍ୟ ଥିଲା । ତେଣୁ ସେ ରାଜା ନଳଙ୍କୁ ପଶା ବିଦ୍ୟା ଶିଖାଇ ଦେଲେ ଏବଂ କହିଲେ, ''ଅଶ୍ୱ ବିଦ୍ୟା ତୁମେ ମୋତେ

Download From www.Odiabook.co.in

ପରେ ଶିଖାଇ ଦେବ । ମୁଁ ଏହାକୁ ତୁମ ପାଖରେ ଧାର ରଖୁଛି ।''

ଯେଉଁ ସମୟରେ ରାଜାନଳ ପଶା ବିଦ୍ୟା ଶିଖୁଥିଲେ ସେହି ସମୟରେ କଳିଯୁଗ କର୍କୋଟକ ନାଗର ତୀକ୍ଷ୍ଣ ବିଷ ଉଦ୍‌ଗୀରଣ ହେତୁ ନଳଙ୍କ ଶରୀରରୁ ବାହାରକୁ ବାହାରି ଆସିଲା । କଳିଯୁଗ ବାହାରକୁ ବାହାରି ଆସିବା ପରେ ନଳଙ୍କୁ ବଡ଼ କ୍ରୋଧ ଆସିଲା ଏବଂ ସେ ତାକୁ ଶାପ ଦେବାପାଇଁ ଚାହିଁଲେ । କଳିଯୁଗ ଦୁଇହାତ ଯୋଡ଼ି ଭୟରେ କମ୍ପିତ ହୋଇ କହିଲା - ''ଆପଣ କ୍ରୋଧ ଶାନ୍ତ କରନ୍ତୁ, ମୁଁ ଆପଣଙ୍କୁ ଯଶସ୍ୱୀ କରିଦେବି । ଆପଣ ଯେଉଁ ସମୟରେ ଦମୟନ୍ତୀଙ୍କୁ ତ୍ୟାଗ କଲେ, ସେହି ସମୟରେ ସେ ମୋତେ ଅଭିଶାପ ଦେଇଥିଲେ । ମୁଁ ବଡ଼ ଦୁଃଖରେ କର୍କୋଟକ ନାଗର ବିଷରେ ଜଳି ଜଳି ଆପଣଙ୍କ ଶରୀରରେ ରହିଥିଲି । ମୁଁ ଆପଣଙ୍କ ଶରଣ ପଶୁଛି, ମୋର ପ୍ରାର୍ଥନା ଶୁଣନ୍ତୁ ଏବଂ ମୋତେ ଅଭିଶାପ ଦିଅନ୍ତୁ ନାହିଁ । ଯେଉଁ ମାନେ ଅପଣଙ୍କର ପବିତ୍ର ଚରିତ୍ର ଗାନ କରିବେ, ସେମାନଙ୍କୁ ମୋ ଭୟ ରହିବ ନାହିଁ ।'' ରାଜା ନଳ କ୍ରୋଧ ଶାନ୍ତ କଲେ । କଳିଯୁଗ ଭୟଭୀତ ହୋଇ ବାହାଡ଼ା ଗଛରେ ପଶିଗଲା । ଏହି କଥା କଳିଯୁଗ ଏବଂ ନଳଙ୍କ ବ୍ୟତିତ ଅନ୍ୟ କେହି ଜାଣି ପାରିଲେ ନାହିଁ । ସେହି ବୃକ୍ଷ ଥୁଣ୍ଟା ହୋଇଗଲା ।*

ଏହିପରି କଳିଯୁଗ ରାଜାନଳଙ୍କ ପିଛା ଛାଡ଼ିଦେଲା, କିନ୍ତୁ ବର୍ତ୍ତମାନ ତାଙ୍କର ରୂପ ବଦଳିଲା ନାହିଁ । ସେ ନିଜର ରଥକୁ ଯୋରରେ ଚଳାଇଲେ ଏବଂ ସନ୍ଧ୍ୟା ନ ହେଉଣୁ ବିଦର୍ଭ ଦେଶରେ ପହଞ୍ଚିଲେ । ରାଜା ଭୀମଙ୍କ ପାଖକୁ ଖବର ପଠାଗଲା । ସେ ରାଜା ଋତୁପର୍ଣ୍ଣଙ୍କ ସ୍ୱାଗତ ଜଣାଇଲେ । ଋତୁପର୍ଣ୍ଣଙ୍କର ରଥର ଝଙ୍କାରରେ ଦିଗମାନେ ଗୁଞ୍ଜରି ଉଠିଲେ । କୁଣ୍ଡୀନ ନଗରରେ ରାଜା ନଳଙ୍କର ପିଲାମାନଙ୍କୁ ନେଇ ଆସିଥିବା ଘୋଡ଼ାମାନେ

* ଯେ ଚ ତ୍ୱାଂ ମନୁଜା ଲୋକେ କୀର୍ତୟିଷ୍ୟନ୍ତ୍ୟତନ୍ଦ୍ରିତାଃ । ମତ୍ପ୍ରସୂତଂ ଭୟଂ ତେଷାଂ ନ କଦାଚିଦ୍ ଭବିଷ୍ୟତି ॥
ଭୟାର୍ତଂ ଶରଣଂ ଯାତଂ ମାଂ ତ୍ୱଂ ନ ଶପ୍ତ୍ୟସେ । ଏବମୁକ୍ତୋ ନଳୋ ରାଜାନ୍ୟଯଚ୍ଛତ୍ କୋପମାତ୍ମନଃ ॥
ତତୋ ଭୀତଃ କଳିଃ କ୍ଷିପ୍ରଂ ପ୍ରବିବେଶ ବିଭୀତକମ୍ । କଳିସ୍ତ୍ୱନ୍ୟୈସ୍ତଦାଦୃଶ୍ୟଃ କଥୟନ୍ ନୈଷଧେନବୈ ॥
(ମହା. ବନ. ୭୨/୩୬-୩୮)

Download From www.Odiabook.co.in

ମଧ୍ୟ ରହୁଥିଲେ । ରଥର ଘର୍ଘର ଶବ୍ଦରେ ସେମାନେ ରାଜା ନଳଙ୍କୁ ଚିହ୍ନି ପାରିଲେ ଏବଂ ପୂର୍ବପରି ଖୁସି ହୋଇଗଲେ । ଦମୟନ୍ତୀଙ୍କୁ ମଧ୍ୟ ସେହି ଶବ୍ଦ ଚିହ୍ନା ଚିହ୍ନା ଜଣାପଡିଲା । ଦମୟନ୍ତୀ କହିଲେ, "ଏହି ରଥର ଘର୍ଘର ଶବ୍ଦ ମୋ ମନରେ ଉଲ୍ଲାସ ଭରି ଦେଉଛି, ଅବଶ୍ୟ ଏହାର ଚାଳକ ମୋର ପତିଦେବ ହୋଇଥିବେ । ଯଦି ଆଜି ସେ ମୋ ପାଖକୁ ନ ଆସିବେ ତାହାହେଲେ ମୁଁ ଜଳନ୍ତା ଅଗ୍ନିକୁ ଡେଇଁପଡିବି । ମୁଁ କେବେ ହସଖୁସିରେ ମଧ୍ୟ ତାଙ୍କୁ ମିଛ କହିଛି କି, ତାଙ୍କର କୌଣସି ଅପକାର କରିଛି କି, ପ୍ରତିଜ୍ଞା କରି ତାହାକୁ ରକ୍ଷାକରିନାହିଁ, କୌଣସି କଥା ମୋର ମନେ ପଡୁନାହିଁ । ସେ ଶକ୍ତିଶାଳୀ, କ୍ଷମାବାନ, ବୀର, ଦାତା ଏବଂ ଏକ ପତ୍ନୀବ୍ରତୀ ଅଟନ୍ତି । ତାଙ୍କ ବିଛେଦରେ ମୋର ଛାତି ଫାଟି ଯାଉଛି ।" ଦମୟନ୍ତୀ ମହଲର ଛାତ ଉପରକୁ ଚଢ଼ି ରଥ ଆସିବା ଏବଂ ତହିଁରୁ ଓହ୍ଲାଉଥିବା ରଥି ସାରଥିଙ୍କୁ ଦେଖିଲେ ।

—*—

ଦମୟନ୍ତୀଙ୍କ ଦ୍ୱାରା ନଳଙ୍କୁ ପରୀକ୍ଷା, ଚିହ୍ନା ପଡ଼ିବା, ମିଳନ ହେବା, ରାଜ୍ୟ ପ୍ରାପ୍ତି ଏବଂ ଉପସଂହାର

ବୃହଦଶ୍ୱ କହିଲେ, "ଯୁଧିଷ୍ଠିର ! ବିଦର୍ଭ ନରେଶ ଭୀମ ଅଯୋଧ୍ୟାଧିପତି ଋତୁପର୍ଣ୍ଣଙ୍କର ବହୁତ ସ୍ୱାଗତ ସତ୍କାର କଲେ । ଋତୁପର୍ଣ୍ଣଙ୍କୁ ସୁନ୍ଦର ସ୍ଥାନରେ ରଖାଇ ଦିଆଗଲା । ସେ କୁଣ୍ଡୀନପୁରରେ ସ୍ୱୟମ୍ବରର କୌଣସି ଚିହ୍ନ ବର୍ଣ୍ଣ ଦେଖିଲେ ନାହିଁ । ଭୀମଙ୍କୁ ଏକଥା ଜମା ଜଣା ନଥିଲା ସେ ରାଜା ଋତୁପର୍ଣ୍ଣ ତାଙ୍କର ଝିଅଙ୍କ ସ୍ୱୟମ୍ବରର ନିମନ୍ତ୍ରଣ ପାଇ ଏଠାକୁ ଆସିଛନ୍ତି । ସେ କୁଶଳ ମଙ୍ଗଳ କଥା ପଚାରିଲେ । "ଆପଣ ଏଠାକୁ କେଉଁ ଉଦ୍ଦେଶ୍ୟରେ ଆସିଛନ୍ତି ?" ଋତୁପର୍ଣ୍ଣ ସ୍ୱୟମ୍ବରର କୌଣସି ଆୟୋଜନ ନଦେଖି ନିମନ୍ତ୍ରଣ କଥା ଲୁଚାଇଲେ ଏବଂ କହିଲେ, "ମୁଁ ତ କେବଳ ଆପଣଙ୍କୁ ପ୍ରଣାମ କରିବା ପାଇଁ ଚାଲି ଆସିଛି ।" ଭୀମ ଭାବିଲେ,

Download From www.Odiabook.co.in

''ଶହେ ଯୋଜନରୁ ମଧ୍ୟ ଅଧିକ ଦୂର କେହି କେବଳ ପ୍ରଣାମ କରିବା ପାଇଁ ଆସି ନପାରେ । ହଉ, କିଛି ସମୟ ଗଲେ ସମସ୍ତ କଥା ଜଣାପଡିବ ।'' ଭୀମ ବଡ଼ ଆଗ୍ରହର ସହିତ ସତ୍କାର କରି ଋତୁପର୍ଣ୍ଣଙ୍କୁ ସେଠାରେ ରଖାଇଲେ । ବାହୁକ ମଧ୍ୟ ବାର୍ଷ୍ଣେୟ ସହିତ ଅଶ୍ୱଶାଳରେ ରହି ଘୋଡ଼ାଙ୍କ ସେବା କଲେ ।

ଦମୟନ୍ତୀ ବ୍ୟାକୁଳ ହୋଇ ଭାବିଲେ, ''ରଥର ଧ୍ୱନି ମୋ ପତିଦେବଙ୍କ ରଥର ସମାନ ଜଣା ପଡୁଛି, କିନ୍ତୁ କାହିଁ ତାଙ୍କରତ କେଉଁଠାରେ ଦର୍ଶନ ମିଳୁନାହିଁ । ହୁଏତ ବାର୍ଷ୍ଣେୟ ତାଙ୍କଠାରୁ ଅଶ୍ୱବିଦ୍ୟା ଶିଖି ନେଇଥିବ । ଏହି କାରଣରୁ ରଥ ତାଙ୍କରି ପରି ଜଣା ପଡୁଛି । ସମ୍ଭବତଃ ଋତୁପର୍ଣ୍ଣଙ୍କୁ ମଧ୍ୟ ସେ ବିଦ୍ୟା ଜଣାଥିବ । ସେ ଦାସୀକୁ ଡକାଇ କହିଲେ ''କେଶିନୀ ! ତୁ ଯାଇ ସେ କୁରୂପ ପୁରୁଷ କିଏ ସେ କଥା ବୁଝ । ସମ୍ଭବତଃ ସେଇ ମୋର ପତିଦେବ ହୋଇଥିବେ । ମୁଁ ବ୍ରାହ୍ମଣ ଦ୍ୱାରା ଯେଉଁ ସନ୍ଦେଶ ପଠାଇଥିଲି, ସେଇଆ ତାଙ୍କୁ କହିବୁ ଏବଂ ତାଙ୍କର ଉତ୍ତର ଶୁଣି ମୋତେ କହିବୁ ।'' କେଶିନୀ ଯାଇ ବାହୁକ ସହିତ କଥାବାର୍ତ୍ତା କଲା । ବାହୁକ ରାଜାଙ୍କର ଆସିବାର କାରଣ କହିଲେ ଏବଂ ସଂକ୍ଷେପରେ ବାର୍ଷ୍ଣେୟ ତଥା ନିଜର ଅଶ୍ୱବିଦ୍ୟା ଏବଂ ଭୋଜନ ବନେଇବାର ଚତୁରତା ବିଷୟରେ ପରିଚୟ ଦେଲେ । କେଶିନୀ ପଚ୍ଚରିଲା, ''ବାହୁକ, ରାଜା ନଳ କାହାନ୍ତି ? କଣ ତୁମେ ଜାଣିଛ ? ଅଥବା ତୁମର ସାଥି ବାର୍ଷ୍ଣେୟ ଜାଣିଛି ?'' ବାହୁକ କହିଲେ - ''କେଶିନୀ ! ବାଷ୍ଣେୟ ରାଜାନଳଙ୍କର ପିଲାଙ୍କୁ ଏଠାରେ ଛାଡି ଚ୍ଚଲିଯାଇଥିଲା, ତାକୁ ସେ ବିଷୟରେ କିଛି ଜଣାନାହିଁ । ଏହି ସମୟରେ ନଳଙ୍କର ରୂପ ବଦଳିଗଲା । ସେ ଲୁଚି କରି ରହୁଥିଲେ । ତାଙ୍କୁ ସେ ନିଜେ ଚିହ୍ନିପାରିବେ କିମ୍ବା ତାଙ୍କର ପତ୍ନୀ ଦମୟନ୍ତୀ । କାହିଁକିନା ସେ ନିଜର ଗୁପ୍ତ ଚିହ୍ନକୁ ଅନ୍ୟ ଆଗରେ ପ୍ରକଟ କରିବାକୁ ଚ୍ଚହୁଁ ନଥିଲେ । କେଶିନୀ ! ରାଜା ନଳ ବିପଦରେ ପଡ଼ିଯାଇଥିଲେ । ସେଥିପାଇଁ ସେ ତାଙ୍କର ପତ୍ନୀକୁ ତ୍ୟାଗ କଲେ । ଦମୟନ୍ତୀ ନିଜର ପତିଙ୍କ ଉପରେ କ୍ରୋଧ

Download From www.Odiabook.co.in

କରିବା ଉଚିତ୍ ନୁହେଁ । ଯେଉଁ ସମୟରେ ସେ ଖାଦ୍ୟ ଚିନ୍ତାରେ ଥିଲେ, ପକ୍ଷୀ ତାଙ୍କର ବସ୍ତ୍ର ନେଇ ଉଡ଼ିଗଲା । ତାଙ୍କର ହୃଦୟ ଦୁଃଖରେ ଜର୍ଜରିତ ଥିଲା । ଏହା ଠିକ୍ ଯେ ସେ ନିଜର ପତ୍ନୀ ସହିତ ଠିକ୍ ବ୍ୟବହାର କରି ନାହାନ୍ତି । ତଥାପି ଦମୟନ୍ତୀ ତାଙ୍କର ଦୁର୍ଦ୍ଦଶାରେ ବିଗ୍ଚର କରି କ୍ରୋଧ କରିବା ଉଚିତ ନୁହେଁ ।'' ଏହା କହୁଁ କହୁଁ ନଳଙ୍କ ହୃଦୟ ଫାଟି ପଡିଲା । ଆଖିରେ ଅଶ୍ରୁ ଆସିଗଲା । ସେ କାନ୍ଦି ପକାଇଲେ । କେଶିନୀ ଦମୟନ୍ତୀଙ୍କ ପାଖକୁ ଆସି ସେଠାକାର ସବୁ କଥା ବାର୍ତ୍ତା ଏବଂ ତାଙ୍କର କାନ୍ଦିବା କଥା ମଧ୍ୟ କହିଲା ।

ଏବେ ଦମୟନ୍ତୀଙ୍କର ଆଶଙ୍କା ଆହୁରି ଦୃଢ଼ ହେବାକୁ ଲାଗିଲା ଯେ ଏହି ରାଜା ନଳ ଅଟନ୍ତି । ସେ ଦାସୀକୁ କହିଲେ, ''କେଶିନୀଃ ! ତୁ ପୁଣି ବାହୁକ ପାଖକୁ ଯା ଏବଂ ତାଙ୍କୁ କିଛି ନ କହି ତାଙ୍କ ପାଖରେ ଛିଡା ରହ । ତାଙ୍କ ଚେଷ୍ଟା ଉପରେ ଧ୍ୟାନ ଦେ । ସେ ନିଆଁ ମାଗିଲେ ଦେବୁ ନାହିଁ । ଜଳ ମାଗିଲେ ଡେରି କରି ନେବୁ । ତାଙ୍କର ଗୋଟି ଗୋଟି କଥା ମୋତେ ଆସି କହ ।'' କେଶିନୀ ପୁଣି ବାହୁକ ପାଖକୁ ଗଲା ଏବଂ ସେଠାରେ ତାଙ୍କର ଦେବତା ଏବଂ ମନୁଷ୍ୟ ଭଳି ବହୁତ କଥା ଦେଖି ଫେରି ଆସି ଦମୟନ୍ତୀଙ୍କୁ କହିଲା, ''ରାଜକୁମାରି ! ବାହୁକ ତ ଜଳ, ସ୍ଥଳ ଏବଂ ଅଗ୍ନି ଉପରେ ସବୁ ପ୍ରକାର ବିଜୟ କରି ସାରିଛନ୍ତି । ମୁଁ ଆଜି ପର୍ଯ୍ୟନ୍ତ ଏମିତି ପୁରୁଷ କୌଣସି ଠାରେ ଦେଖି ନାହିଁ କି ଶୁଣିନାହିଁ । ଯଦି କୌଣସି ଠାରେ ଦ୍ୱାର ନୀଚ ଥାଏ, ତାହାହେଲେ ସେ ସେଠାରେ ନଇଁ ଯାଆନ୍ତି ନାହିଁ, ଦ୍ୱାର ତାଙ୍କୁ ଦେଖି ଉଚ୍ଚା ହୋଇ ଯାଉଥାଏ । ସେ ନଇଁ ନ କରି ଚ୍ଚଲି ଯାଆନ୍ତି । ଛୋଟରୁ ଛୋଟ କଣା ମଧ୍ୟ ତାଙ୍କ ପାଇଁ ଗୁମ୍ଫା ହୋଇଯାଇଛି । ସେଠାରେ ଜଳ ପାଇଁ ଯେଉଁ ମାଠିଆ ରହିଥିଲା, ତାଙ୍କର ଦୃଷ୍ଟି ପଡ଼ିବା ମାତ୍ରେ ତାହା ଜଳରେ ପୂର୍ଣ୍ଣ ହୋଇଗଲା । ସେ ହାଲୁକା ସୋଲ ନେଇ ସୂର୍ଯ୍ୟଙ୍କ ଆଡ଼କୁ ଗଲେ ଏବଂ ତାହା ଜଳିଲା । ଏହା ବ୍ୟତୀତ ସେ ଅଗ୍ନିକୁ ସ୍ପର୍ଷ କରି ମଧ୍ୟ ଜଳି ଯାଉ ନାହାନ୍ତି । ପାଣି ତାଙ୍କ ଇଚ୍ଛା ଅନୁସାରେ ବହୁଛି । ତାଙ୍କ ହାତର ଫୁଲ ମଉଳି ନ ଯାଇ ସତେଜ ଏବଂ ସୁଗନ୍ଧିତ ରହୁଛି । ଏହି ସବୁ

Download From www.Odiabook.co.in

ଅଦଭୁତ ଲକ୍ଷଣ ଦେଖି ମୁଁ ତ ସ୍ତମ୍ଭୀଭୂତ ହୋଇ ରହିଗଲି ଏବଂ ଶୀଘ୍ର ତୁମ ପାଖକୁ ଚାଲି ଆସିଲି । ଦମୟନ୍ତୀ ବାହୁକର କର୍ମ ଓ ଚେଷ୍ଟାକୁ ଶୁଣି ନିଶ୍ଚିତ ରୂପରେ ଜାଣିଗଲେ ଯେ ସେ ନିଶ୍ଚୟ ତାଙ୍କର ପତି ଦେବ ଅଟନ୍ତି । ସେ କେଶିନୀ ସହିତ ନିଜର ଦୁଇ ପିଲାଙ୍କୁ ନଳଙ୍କ ପାଖକୁ ପଠାଇଦେଲେ । ବାହୁକ ଇନ୍ଦ୍ରସେନା ଏବଂ ଇନ୍ଦ୍ରସେନଙ୍କୁ ଚିହ୍ନି ସେମାନଙ୍କ ପାଖକୁ ଆସିଲେ ଏବଂ ଦୁଇ ପିଲାଙ୍କୁ ଛାତିରେ ଭିଡିଧରି କୋଳରେ ବସାଇଲେ । ବାହୁକ ନିଜର ସନ୍ତାନଙ୍କ ସହିତ ମିଳିତ ହୋଇ ଘାବରେଇ ଗଲେ ଏବଂ କାନ୍ଦି ପକାଇଲେ । ତାଙ୍କ ମୁହଁରେ ପିତୃତୁଲ୍ୟ ସ୍ନେହଭାବ ପ୍ରକଟ ହେଲା । ତାପରେ ବାହୁକ ଦୁଇ ପିଲାଙ୍କୁ କେଶିନୀକୁ ଦେଇ କହିଲେ - 'ଏହି ଦୁଇଜଣ ପିଲା ମୋ ଦୁଇପିଲା ଭଳି ହୋଇଛନ୍ତି । ତେଣୁ ତାଙ୍କୁ ଦେଖି କାନ୍ଦ ମାଡ଼ିଲା । କେଶିନୀ ! ତୁମେ ବାରମ୍ବାର ମୋ ପାଖକୁ ଆସୁଛ, ଜାଣେନାହିଁ ଲୋକମାନେ କଣ ଭାବୁଥିବେ । ତେଣୁ ମୋ ପାଖକୁ ଆସିବାଟା ଭଲ ନୁହେଁ । ତୁମେ ଯାଅ ।' କେଶିନୀ ଦମୟନ୍ତୀଙ୍କ ପାଖକୁ ଯାଇ ସବୁକଥା କହିଲା ।

ବର୍ତ୍ତମାନ ଦମୟନ୍ତୀ କେଶିନୀକୁ ନିଜର ମାତାଙ୍କ ପାଖକୁ ପଠାଇଲେ ଏବଂ କହିଲେ, ମାତାଙ୍କୁ ଯାଇ କହିବୁ । ''ମାତାଜୀ ! ମୁଁ ରାଜା ନଳ ବୋଲି ଭାବି ବାରମ୍ବାର ବାହୁକର ପରୀକ୍ଷା କରୁଛି । ଏବେ ମୋତେ କେବଳ ତାଙ୍କର ରୂପ ବିଷୟରେ ସନ୍ଦେହ ଲାଗୁଛି । ତେଣୁ ମୁଁ ନିଜେ ତାଙ୍କର ପରୀକ୍ଷା କରିବା ପାଇଁ ଚାହୁଁଛି । ତେଣୁ ଆପଣ ବାହୁକକୁ ମୋ ମହଲକୁ ଆସିବା ପାଇଁ ଆଜ୍ଞା ଦିଅନ୍ତୁ । ନଚେତ୍ ତାଙ୍କ ପାଖକୁ ଯିବାପାଇଁ ମୋତେ ଆଜ୍ଞା ଦିଅନ୍ତୁ । ଆପଣଙ୍କର ଯଦି ଇଚ୍ଛା ହୁଏ ପିତାଜୀଙ୍କୁ ଏକଥା କୁହନ୍ତୁ ନଚେତ୍ ନ କୁହନ୍ତୁ ।'' ରାଣୀ ନିଜର ସ୍ୱାମୀ ଭୀମଙ୍କ ଠାରୁ ଅନୁମତି ନେଇ ବାହୁକକୁ ରାଣୀ ମହଲକୁ ଡ଼କାଇବା ପାଇଁ ଆଜ୍ଞାଦେଲେ । ବାହୁକକୁ ଡକାଗଲା । ଦମୟନ୍ତୀଙ୍କୁ ଦେଖିବା ମାତ୍ରେ ନଳଙ୍କ ହୃଦୟ ଏକ ସଙ୍ଗେ ସୁଖ ଏବଂ ଦୁଃଖରେ ଭରିଗଲା । ଏହି ସମୟରେ ଦମୟନ୍ତୀ ଗେରୁଆ ବସ୍ତ୍ର ପରିଧାନ କରିଥିଲେ । ତାଙ୍କର କେଶ ଜଟା ବାନ୍ଧି ଯାଇଥିଲା । ଶରୀର ମଳିନ ଦିଶୁଥିଲା । ଦମୟନ୍ତୀ କହିଲେ, ''ବାହୁକ ! ପ୍ରଥମେ

Download From www.Odiabook.co.in

ଜଣେ ଧର୍ମଜ୍ଞ ପୁରୁଷ ନିଜର ସ୍ତ୍ରୀକୁ ବନରେ ଶୋଇଥିବା ଅବସ୍ଥାରେ ଛାଡ଼ି ଚାଲିଗଲେ । ତୁମେ କ'ଣ ତାହାକୁ କେଉଁଠାରେ ଦେଖିଛ ? ସେହି ସମୟରେ ସେ ସ୍ତ୍ରୀ ଥକି ପଡ଼ିଥିଲା, ନିଦରେ ଅଚେତ ଥିଲା, ଏପରି ନିରପରାଧ ସ୍ତ୍ରୀକୁ ପୁଣ୍ୟଶ୍ଳୋକ ନିଷଧନରେଶ ବିନା ଆଉ କେଉଁ ପୁରୁଷ ନିର୍ଜନ ବନରେ ଛାଡ଼ି ପାରିବ ? ମୁଁ ଜୀବନ ସାରା ଜାଣି ଶୁଣି ତାଙ୍କ ଠାରେ କୌଣସି ଅପରାଧ କରି ନାହିଁ । ତଥାପି ସେ ମୋତେ ବନରେ ଶୋଇଥିବା ଅବସ୍ଥାରେ ଛାଡ଼ି ଚାଲିଗଲେ ।'' ଏତିକି କହୁଁ କହୁଁ ଦମୟନ୍ତୀଙ୍କ ଆଖିରୁ ଅଶ୍ରୁଧାର ଗଡ଼ିବାକୁ ଲାଗିଲା । ଦମୟନ୍ତୀଙ୍କର ବିଶାଳ, ଶ୍ୟାମଳ ଏବଂ ନୀଳକଇଁ ଭଳି ନେତ୍ରରୁ ଅଶ୍ରୁ ବୋହିବାର ଦେଖି ନଳ ଆଉ ରହି ପାରିଲେ ନାହିଁ । ସେ କହିଲେ - ପ୍ରିୟେ ! ମୁଁ ଜାଣି ଶୁଣି ରାଜ୍ୟ ହରାଇ ନାହିଁ କିମ୍ବା ତୁମକୁ ତ୍ୟାଗ କରିନାହିଁ । ଏହାତ କଳି ଯୁଗର କର୍ତ୍ତୃତ୍ୱ ।* ମୁଁ ଜାଣିଛି ଯେତେବେଳ ଠାରୁ ତୁମେ ମୋ ଠାରୁ ଦୂରେଇ ଚାଲି ଗଲ, ସେହି ଦିନ ଠାରୁ ରାତି ଦିନ ମୋତେ ହିଁ ସ୍ମରଣ କରୁଛ ଏବଂ ଚିନ୍ତା କରୁଛ । କଳିଯୁଗ ମୋ ଶରୀରରେ ରହି ମଧ୍ୟ ତୁମର ଅଭିଶାପ ଯୋଗୁଁ ଜଳୁଥିଲା । ମୋର ଚେଷ୍ଟା ଏବଂ ତପସ୍ୟା ବଳରେ ତାକୁ ଜୟ କରିଛି , ଏବେ ଆମର ଦୁଃଖର ଅନ୍ତ ହେଲା । କଳିଯୁଗ ଏବେ ମୋତେ ଛାଡ଼ି ଚାଲି ଯାଇଛି । ମୁଁ କେବଳ ମାତ୍ର ତୁମରି ପାଇଁ ଏଠାକୁ ଆସିଛି । ମୋତେ କହିଲ ଦେଖି ମୋ ଭଳି ପ୍ରେମୀ ଏବଂ ସରଳ ପତିକୁ ଛାଡ଼ି ତୁମେ ଯେପରି ଅନ୍ୟ ପୁରୁଷକୁ ବିବାହ କରିବା ପାଇଁ ବନ୍ଦୋବସ୍ତ କରିଛ, ଆଉ କେହି ଅନ୍ୟ ସ୍ତ୍ରୀ କଣ ଏପରି କରି ପାରିବ ?[୧] ତୁମର ସ୍ୱୟମ୍ବର କଥା ଶୁଣିତ ରାଜା ଋତୁପର୍ଣ୍ଣ ଖୁବ୍ ଶୀଘ୍ର ଏଠାକୁ ଆସିଛନ୍ତି ।

---

* ମମ ରାଜ୍ୟଂ ପ୍ରଣଷ୍ଟଂ ଯନ୍ନାହଂ ତତ୍ କୃତବାନ୍ ସ୍ୱୟମ୍ । କଲିନା ତତ୍ କୃତଂ ଭୀରୁ ଯଚ୍ଚ ତ୍ୱାମହମତ୍ୟଜମ୍ ॥
(ମହା. ବନ. ୭୬/୧୭)

୧ କଥଂ ନୁ ନାରୀ ଭର୍ତାରମନୁରକ୍ତମନୁବ୍ରତମ୍ । ଉତ୍ସୃଜ୍ୟ ବରଯେଦନ୍ୟଂ ଯଥା ତ୍ୱଂ ଭୀରୁ କର୍ହିଚିତ୍ ॥
(ମହା. ବନ. ୭୬/୨୨)

Download From www.Odiabook.co.in

ଦମୟନ୍ତୀ ହାତ ଯୋଡି କହିଲେ, "ଆର୍ଯ୍ୟପୁତ୍ର ! ମୋ ଉପରେ ଦୋଷାରୋପ କରିବା ଉଚିତ୍ ନୁହେଁ । ଆପଣ ଜାଣିଛନ୍ତି ମୋ ଆଗରେ ପ୍ରକଟ ହୋଇଥିବା ଦେବତାମାନଙ୍କୁ ଛାଡ଼ି ମୁଁ ଆପଣଙ୍କୁ ବରଣ କରିଛି । ମୁଁ ଆପଣଙ୍କୁ ଖୋଜିବା ପାଇଁ ବହୁତ ବ୍ରାହ୍ମଣଙ୍କୁ ପଠାଇଥିଲି ଏବଂ ସେମାନେ ମୋ କହିଥିବା କଥାକୁ କହି କହି ଚାରିଆଡ଼େ ବୁଲୁଥିଲେ । ପର୍ଣ୍ଣାଦ ନାମକ ବ୍ରାହ୍ମଣ ଅଯୋଧ୍ୟା ପୁରୀରେ ଆପଣଙ୍କ ପାଖରେ ମଧ୍ୟ ପହଞ୍ଚିଥିଲା । ସେ ଆପଣଙ୍କୁ ମୋ କଥା ଶୁଣାଇଥିଲା ଏବଂ ଆପଣ ମଧ୍ୟ ତାର ଯଥୋଚିତ ଉତ୍ତର ଦେଇ ଥିଲେ । ସେହିକଥା ଶୁଣି ମୁଁ ଆପଣଙ୍କୁ ଡକାଇବା ପାଇଁ ହିଁ ଏହି ଯୁକ୍ତି କରିଥିଲି । ମୁଁ ଜାଣିଛି ଯେ ଆପଣଙ୍କ ଚରଣ ଛୁଇଁ ଶପଥ ପୂର୍ବକ ସତ୍ୟ କହୁଛି, ମୁଁ କେବେ ମନରେ ମଧ୍ୟ ପର ପୁରୁଷଙ୍କୁ ଚିନ୍ତା କରିନାହିଁ । ଯଦି ମୁଁ କେବେ ମନରେ ମଧ୍ୟ ପାପକର୍ମ କରିଥିବି, ତାହାହେଲେ ସବୁବେଳେ ପୃଥିବୀରେ ବିଚରଣ କରୁଥିବା ବାୟୁଦେବ, ଭଗବାନ ସୂର୍ଯ୍ୟ ଏବଂ ମନର ଦେବତା ଚନ୍ଦ୍ର ମୋର ପ୍ରାଣକୁ ନାଶ କରି ଦିଅନ୍ତୁ । ଏ ତିନି ଦେବତା ସମସ୍ତ ଭୂମଣ୍ଡଳରେ ବିଚରଣ କରନ୍ତି । ସେମାନେ ସତ କଥା କହନ୍ତୁ । ଯଦି ମୁଁ ପାପିନୀ, ତାହାହେଲେ ମୋତେ ତ୍ୟାଗ କରି ଦିଅନ୍ତୁ ।" ଏହି ସମୟରେ ବାୟୁଦେବତା ଆକାଶରେ ରହି କହିଲେ, "ରାଜା ! ମୁଁ ସତ୍ୟ କହୁଛି, ଦମୟନ୍ତୀ କୌଣସି ପାପ କରି ନାହିଁ । ସେ ତିନି ବର୍ଷକାଳ ନିଜର ଉଜ୍ଜ୍ୱଳ ସ୍ୱଭାବ ରକ୍ଷା କରିଛି । ଆମ୍ଭେମାନେ ତାର ରକ୍ଷକ ରୂପେ ରହିଛୁ ଏବଂ ତାର ପତିବ୍ରତାର ସାକ୍ଷୀ ଅଟୁଁ । ସେ ସ୍ୱୟମ୍ବରର ସୂଚନା ଦେଇଥିଲେ କେବଳ ତୁମକୁ ଖୋଜିବା ପାଇଁ । ବାସ୍ତବରେ ଦମୟନ୍ତୀ ତୁମର ଯୋଗ୍ୟା ଏବଂ ତୁମେ ଦମୟନ୍ତୀ ପାଇଁ ଯୋଗ୍ୟ ଅଟ । କିଛି ଆଶଙ୍କା ନକରି ତାଙ୍କୁ ସ୍ୱୀକାର କର ।" ଯେଉଁ ସମୟରେ ପବନ ଦେବତା ଏକଥା କହୁଥିଲେ, ସେହି ସମୟରେ ଆକାଶରୁ ପୁଷ୍ପ ବୃଷ୍ଟି ହେଲା, ଦେବତା ମାନଙ୍କର ଦୁନ୍ଦୁଭି ବାଜି ଉଠିଲା । ଶୀତଳ, ମନ୍ଦ ଏବଂ ସୁଗନ୍ଧ ବାୟୁ ପ୍ରବାହିତ ହେଲା । ଏଭଳି ଅଦ୍‌ଭୁତ ଦୃଶ୍ୟ ଦେଖି ରାଜା ନଳ ନିଜର

---

* ଏବମୁକ୍ତସ୍ତଥା ବାୟୁରନ୍ତରିକ୍ଷାଦଭାଷତ । ନୈଷା କୃତବତୀ ପାପଂ ନଳ ସତ୍ୟଂ ବ୍ରବୀମି ତେ ॥
ରାଜଶୀଳନିଧିଃ ସ୍ଫୀତୋ ଦମୟନ୍ତ୍ୟା ସୁରକ୍ଷିତଃ । ସାକ୍ଷିଣୋ ରକ୍ଷିଣଶ୍ଚାସ୍ୟା ବୟଂ ତ୍ରିନ୍ ପରିବତ୍ସରାନ୍ ॥
(ମହା. ବନ. ୭୬/୩୬-୩୭)

Download From www.Odiabook.co.in

ସନ୍ଦେହ ଦୂର କଲେ ଏବଂ ନାଗରାଜା କର୍କୋଟକ ଦେଇଥିବା ବସ୍ତ୍ର ଘୋଡାଇ ହୋଇ ତାଙ୍କୁ ସ୍ମରଣ କଲେ । ତାଙ୍କର ଶରୀର ତୁରନ୍ତ ପୂର୍ବ ଭଳି ହୋଇଗଲା । ଦମୟନ୍ତୀ ରାଜା ନଳଙ୍କୁ ପୂର୍ବ ରୂପରେ ଦେଖି ତାଙ୍କୁ କୁଣ୍ଢାଇ କାନ୍ଦି ପକାଇଲେ । ରାଜା ନଳ ମଧ୍ୟ ଆନନ୍ଦରେ ତାଙ୍କୁ ଗଳାରେ ଲଗାଇଲେ । ପିଲା ଦୁଇଟିଙ୍କୁ ଛାତିରେ ଜାକିଧରି ସ୍ନେହରେ କଥାଭାଷା କଲେ । ସାରା ରାତି ଦମୟନ୍ତୀଙ୍କ ସହିତ ବାକ୍ୟାଳାପରେ ବିତିଗଲା ।

ସକାଳ ହେବାରୁ ସ୍ନାନାଦି କରି ସୁନ୍ଦର ବସ୍ତ୍ର ପରିଧାନ କରି ନଳ, ଦମୟନ୍ତୀ ରାଜା ଭୀମଙ୍କ ପାଖକୁ ଯାଇ, ତାଙ୍କ ଚରଣରେ ପ୍ରଣାମ କଲେ । ଭୀମ ବଡ଼ ଆନନ୍ଦରେ ସେମାନଙ୍କର ସତ୍କାର କଲେ ଏବଂ ଆଶ୍ୱାସନା ମଧ୍ୟ ଦେଲେ । କଥା କଥାକେ ଏହି ସମ୍ବାଦ ଚାରିଆଡ଼େ ପ୍ରଚାର ହୋଇଗଲା । ନଗରର ନରନାରୀ ଆନନ୍ଦ ଉତ୍ସବରେ ମାତିଗଲେ । ଦେବତାମାନଙ୍କୁ ପୂଜାର୍ଚ୍ଚନା କରାଗଲା । ଯେତେବେଳେ ରାଜା ଋତୁପର୍ଣ୍ଣ ଜାଣିଲେ ଯେ ବାହୁକ ରୂପରେ ରାଜା ନଳହିଁ ଥିଲେ, ଏଠାକୁ ଆସି ସେ ନିଜର ପତ୍ନୀଙ୍କୁ ପାଇଲେ, ସେ ବଡ଼ ଆନନ୍ଦିତ ହେଲେ । ସେ ନଳଙ୍କୁ ନିଜ ପାଖକୁ ଡ଼ାକି କ୍ଷମା ମାଗିଲେ । ରାଜା ନଳ ତାଙ୍କର ଉତ୍ତମ ବ୍ୟବହାରର ପ୍ରଶଂସା କରି ତାଙ୍କର ସତ୍କାର କଲେ । ଏଥି ସହିତ ତାଙ୍କୁ ଅଶ୍ୱବିଦ୍ୟା ମଧ୍ୟ ଶିଖାଇ ଦେଲେ । ରାଜା ଋତୁପର୍ଣ୍ଣ ଅନ୍ୟ ଏକ ସାରଥିକୁ ନେଇ ନିଜ ନଗରକୁ ଫେରିଗଲେ ।

ରାଜା ନଳ ମାସେ ତକ କୁଣ୍ଡୀନନଗରରେ ରହିଲେ । ଏହାପରେ ନିଜର ଶ୍ୱଶୁର ଭୀମଙ୍କ ଆଜ୍ଞାନେଇ କିଛି ଲୋକଙ୍କ ସହିତ ନିଷଧ ଦେଶକୁ ଯିବାପାଇଁ ବାହାରିଲେ । ରାଜାଭୀମ ଗୋଟିଏ ଧଳାରଙ୍ଗର ରଥ, ଷୋହଳଟି ହାତୀ, ପଚାଶଟି ଘୋଡ଼ା ଏବଂ ଛଅ ଶହ ପଦାତିକ ରାଜା ନଳଙ୍କ ସାଥିରେ ପଠାଇଲେ । ନିଜ ନଗରରେ ପ୍ରବେଶ କରି ରାଜା ନଳ ପୁଷ୍କରକୁ ସାକ୍ଷାତ କଲେ ଏବଂ କହିଲେ, ''ତୁମେ କପଟତା ପୂର୍ଣ୍ଣ ଜୁଆ ପୁଣି ଖେଳିବ ନାଁ ମୁଁ ଧନୁରେ ଡୋରୀ ବାନ୍ଧିବି ।'' ପୁଷ୍କର ହସି ହସି କହିଲା, ''ଭଲକଥା,

Download From www.Odiabook.co.in

****

ବାଜି ଲଗାଇବା ପାଇଁ ପୁଣି ତୁମକୁ ଧନ ମିଳିଗଲା ବୋଧେହୁଏ । ଆସ ଏଥର ଧନ ସହିତ ତୁମ ଦମୟନ୍ତୀଙ୍କୁ ମଧ୍ୟ ଜିତିବି ।'' ରାଜା ନଳ କହିଲେ, ''ଆରେ ଭାଇ ! ଜୁଆ ଖେଳ, ବକ୍ ବକ୍ କାହିଁକି ହେଉଛ । ଯଦି ହାରିଯିବ ତୁମର କି ଦଶା ହେବ ଜାଣିଛ ?'' ଜୁଆ ଖେଳ ଚାଲିଲା । ରାଜା ନଳ ପ୍ରଥମ ବାଜିରେ ପୁଷ୍କରର ରାଜ୍ୟ, ରତ୍ନ ଭଣ୍ଡାର ଏବଂ ତାର ପ୍ରାଣ ମଧ୍ୟ ଜିତିଗଲେ । ସେ ପୁଷ୍କରଙ୍କୁ କହିଲେ, ''ଏଥର ସବୁରାଜ୍ୟ ମୋର ହୋଇଗଲା । ଏବେ ତୁମେ ଦମୟନ୍ତୀ ଆଡ଼କୁ ଆଖି ଉଠାଇ ମଧ୍ୟ ଚାହିଁ ପାରିବ ନାହିଁ । ତୁମେ ଦମୟନ୍ତୀର ସେବକ । ଆରେ ମୂଢ଼ ! ପ୍ରଥମ ଥର ମଧ୍ୟ ତୁମେ ମୋତେ ଜିତି ନଥିଲ । ସେ କାମ କଳି ଯୁଗର ଥିଲା ବୋଲି ସେ କଥା ତୁମକୁ ଜଣାନାହିଁ । ତୁମେ ତୁମର ଜୀବନ ସୁଖରେ ଲଦି ଦେବା ପାଇଁ ଚାହୁଁନାହିଁ । ତୁମେ ତୁମର ଜୀବନ ସୁଖରେ ବିତାଅ । ମୁଁ ତୁମକୁ ଛାଡି ଦେଉଛି । ତୁମ ଉପରେ ମୋର ସ୍ନେହ ପ୍ରଥମେ ଯେମିତି ଥିଲା ଏବେବି ସେମିତି ରହିବ । ତୁମେ ମୋର ଭାଇ ଅଟ । ମୁଁ କେବେ ତୁମ ଉପରେ କୋପ ଦୃଷ୍ଟି ପକାଇବି ନାହିଁ । ତୁମେ ଶହେ ବର୍ଷ ବଞ୍ଚ ।'' ରାଜା ନଳ ଏହିପରି କହି ପୁଷ୍କରଙ୍କୁ ଧୈର୍ଯ୍ୟ ଦେଲେ ଏବଂ ନିଜ ହୃଦୟରେ ଭିଡିଧରି ଯିବାକୁ ଆଜ୍ଞାଦେଲେ । ପୁଷ୍କର ହାତ ଯୋଡି ରାଜା ନଳଙ୍କୁ ପ୍ରଣାମ କଲେ ଏବଂ କହିଲେ, '' ଜଗତରେ ଆପଣଙ୍କ ଅକ୍ଷୟ କୀର୍ତ୍ତୀ ରହୁ । ଆପଣ ଦଶ ହଜାର ବର୍ଷ ଜୀବିତ ରୁହନ୍ତୁ । ଆପଣ ମୋର ଅନ୍ନଦାତା ଏବଂ ପ୍ରାଣଦାତା ଅଟନ୍ତି ।'' ପୁଷ୍କର ବହୁତ ମାନ ସମ୍ମାନର ସହିତ ଏକମାସ ପର୍ଯ୍ୟନ୍ତ ରାଜା ନଳଙ୍କ ନଗରରେ ରହିଲା । ତାପରେ ସୈନ୍ୟ ସେବକ ଏବଂ କୁଟୁମ୍ବ ମାନଙ୍କ ସାଥିରେ ନିଜର ନଗରକୁ ଚାଲିଗଲା । ରାଜା ନଳ ମଧ୍ୟ ପୁଷ୍କରଙ୍କୁ ପହଞ୍ଚାଇ ଦେଇ ନିଜ ରାଜଧାନୀକୁ ଲେଉଟି ଆସିଲେ । ସମସ୍ତ ନାଗରିକ, ସାଧାରଣ ପ୍ରଜା ତଥା ମନ୍ତ୍ରୀମଣ୍ଡଳର ଲୋକମାନେ ରାଜା ନଳଙ୍କୁ ପାଇ ବହୁତ ଖୁସି ହେଲେ । ସେମାନେ ରୋମାଞ୍ଚିତ ଶରୀରରେ ହାତ ଯୋଡି ରାଜା ନଳଙ୍କୁ ନିବେଦନ କଲେ, ''ରାଜେନ୍ଦ୍ର !

Download From www.Odiabook.co.in

ଆଜି ଦୁଃଖରୁ ମୁକ୍ତ ହୋଇ ସୁଖୀ ହେଲୁଁ । ଯେପରି ଦେବଗଣ ଇନ୍ଦ୍ରଙ୍କୁ ସେବା କରନ୍ତି, ସେହିପରି ଆପଣଙ୍କ ସେବା କରିବା ପାଇଁ ଆମେ ସବୁ ଆସିଛୁଁ ।

ଘରେ ଘରେ ଆନନ୍ଦ ଉତ୍ସବ କରାଗଲା । ଚାରିଆଡ଼େ ଶାନ୍ତି ବିରାଜମାନ କଲା । ବଡ଼ ବଡ଼ ଉତ୍ସବ କରାହେଲା । ରାଜା ନଳ ସୈନ୍ୟ ପଠାଇ ଦମୟନ୍ତୀଙ୍କୁ ଡକାଇଲେ । ରାଜା ଭୀମ ନିଜର କନ୍ୟାକୁ ବହୁତ ଜିନିଷ ଦେଇ ଶାଶୁଘରକୁ ପଠାଇ ଦେଲେ । ଦମୟନ୍ତୀ ନିଜର ଦୁଇ ସନ୍ତାନଙ୍କ ସହିତ ମହଲକୁ ଆସିଲେ । ରାଜା ନଳ ବଡ଼ ଆନନ୍ଦରେ ସମୟ ବିତାଇଲେ । ତାଙ୍କର ଖ୍ୟାତି ଦୂରଦୂରାନ୍ତକୁ ବ୍ୟାପିଗଲା । ସେ ଧର୍ମାନୁସାରେ ପ୍ରଜାପାଳନ କଲେ । ସେ ମଧ୍ୟ ବଡ଼ ବଡ଼ ଯଜ୍ଞ କରି ଭଗବାନଙ୍କୁ ଆରାଧନା କଲେ ।

ବୃହଦଶ୍ୱ କହିଲେ, "ଯୁଧିଷ୍ଠିର ! ତୁମକୁ ମଧ୍ୟ କିଛି ଦିନ ପରେ ତୁମର ରାଜ୍ୟ ଏବଂ ବନ୍ଧୁ କୁଟୁମ୍ବ ମିଳି ଯିବେ । ରାଜା ନଳ ଜୁଆ ଖେଳି ବହୁତ ଦୁଃଖ ସହିଥିଲେ । ତାଙ୍କୁ ଏକୁଟିଆ ସବୁ ଦୁଃଖ ସହିବାକୁ ପଡ଼ିଥିଲା କିନ୍ତୁ ତୁମ ସହିତ ତୁମର ଭାଇମାନେ, ଦ୍ରୌପଦୀ ଏବଂ ବଡ଼ ବଡ଼ ବିଦ୍ୱାନ ତଥା ସଦାଚାରୀ ବ୍ରାହ୍ମଣ ଅଛନ୍ତି । ଏଭଳି ପରିସ୍ଥିତିରେ ଦୁଃଖ କରିବାର କୌଣସି କାରଣ ନାହିଁ । ସଂସାରର ଅବସ୍ଥା ସବୁବେଳେ ଏକ ପ୍ରକାର ରହେ ନାହିଁ । ଏହି ବିଚାର କରି ମଧ୍ୟ ସଂସାରର ଅଭିବୃଦ୍ଧି ଏବଂ ହ୍ରାସ ବିଷୟରେ ଚିନ୍ତା କରିବା ଉଚିତ ନୁହେଁ ।" ନାଗରାଜା କର୍କୋଟକ, ଦମୟନ୍ତୀ, ନଳ ଏବଂ ଋତୁପର୍ଣ୍ଣଙ୍କର ଏହିକଥା କହିବା ଓ ଶୁଣିବା ଦ୍ୱାରା କଳିଯୁଗର ପାପ ନାଶ ହୁଏ ଏବଂ ଦୁଃଖୀ ମନୁଷ୍ୟକୁ ଧୈର୍ଯ୍ୟ ମିଳିଥାଏ ।

—✻—

ଉପଦେଶ ପ୍ରଦ ବାଣୀ

୧. ବିଶିଷ୍ଟୟା ବିଶିଷ୍ଟେନ ସଂଗମୋ ଗୁଣବାନ୍ ଭବେତ୍ । (ମହା.ବନ. ୫୩/୩୧)

'ଯଦି କୌଣସି ବିଶିଷ୍ଟ ନାରୀର କୌଣସି ବିଶିଷ୍ଟ ପୁରୁଷର ସଙ୍ଗରେ ସଂଯୋଗ ହୁଏ ତେବେ ସେ ବିଶେଷ ଗୁଣକାରୀ ହୁଏ ।'

Download From www.Odiabook.co.in

୨. ନାସ୍ତି ଭାର୍ଯ୍ୟାସମଂ ମିତ୍ରଂ ନରସ୍ୟାର୍ତସ୍ୟ ଭେଷଜମ୍ ॥ (୬୧/୩୦)

'ଦୁଃଖୀ ମନୁଷ୍ୟ ପାଇଁ ସ୍ତ୍ରୀ ପରି ଅନ୍ୟ କୌଣସି ମିତ୍ର ବା ଔଷଧ ନାହିଁ ।'

୩. ନାକାଲେ ବିହିତୋ ନୃତ୍ୟୁର୍ମର୍ତ୍ୟାନାମ୍ ।' (୬୩/୭)

'ମନୁଷ୍ୟମାନଙ୍କର ମୃତ୍ୟୁ ଅସମୟରେ ହୁଏ ନାହିଁ ।'

୪. ଚତ୍ୱାରୋ ଏକତୋ ବେଦାଃ ସାଙ୍ଗୋପାଙ୍ଗାଃ ସବିସ୍ତରାଃ ।
ସ୍ୱଧୀତା ମନୁଜବ୍ୟାଘ୍ର ସତ୍ୟମେକଂ କିଲୈକତଃ ॥ (୬୪/୧୭)

'ଏକ ଆଡେ ଅଙ୍ଗ ଓ ଉପାଙ୍ଗମାନଙ୍କ ସହିତ ବିସ୍ତାର ପୂର୍ବକ ଚାରି ବେଦର ସ୍ୱାଧ୍ୟାୟ ହୁଏ ଏବଂ ଅନ୍ୟ ଆଡେ କେବଳ ସତ୍ୟଭାଷଣ ହୁଏ ତେବେ ତାହା ନିଶ୍ଚୟ ଅପରଠାରୁ ଶ୍ରେଷ୍ଠ ଅଟେ ।'

୫. 'ନାପ୍ରାପ୍ତକାଲୋ ମ୍ରିୟତେ' (୬୫/୩୯)

'ଯାହାର ମୃତ୍ୟୁର ସମୟ ଆସି ନାହିଁ, ସେ ଇଚ୍ଛା କଲେ ମଧ୍ୟ ମୃତ୍ୟୁ ହୁଏନାହିଁ ।'

୬. ନ ହ୍ୟଦୈବକୃତଂ କିଂଚିନ୍ନରାଣାମିହ ବିଦ୍ୟତେ । (୬୫/୪୦)

'ମନୁଷ୍ୟମାନଙ୍କୁ ବିଧାତାଙ୍କ ଦ୍ୱାରା ଦିଆ ହୋଇ ନ ଥିବା କୌଣସି ସୁଖ ବା ଦୁଃଖ କେବେ ମଧ୍ୟ ମିଳେ ନାହିଁ ।'

୭. ଭର୍ତା ନାମ ପରଂ ନାର୍ଯ୍ୟା ଭୂଷଣଂ ଭୂଷଣୈର୍ବିନା । (୬୮/୧୯)

'ବାସ୍ତବରେ ସ୍ୱାମୀ ହିଁ ନାରୀର ସର୍ବଶ୍ରେଷ୍ଠ ଆଭୂଷଣ । ସ୍ୱାମୀ ରହିଲେ ସେ ବିନା ଆଭୂଷଣରେ ମଧ୍ୟ ସୁଶୋଭିତ ହୁଏ ।'

୮. ସର୍ବଃ ସର୍ବଂ ନ ଜାନାତି ସର୍ବଜ୍ଞୋ ନାସ୍ତି କଶ୍ଚନ ।
ନୈକତ୍ର ପରିନିଷ୍ଠାସ୍ତି ଜ୍ଞାନସ୍ୟ ପୁରୁଷେ କ୍ୱଚିତ୍ ॥
(୭୨/୮)

'ସବୁ ଲୋକ ସମସ୍ତ କଥା ଜାଣନ୍ତି ନାହିଁ । ସଂସାରରେ କେହି ମଧ୍ୟ ସର୍ବଜ୍ଞ ନାହାନ୍ତି ତଥା ଜଣେ ପୁରୁଷଙ୍କ ଠାରେ ସମ୍ପୂର୍ଣ୍ଣ ଜ୍ଞାନର ପ୍ରତିଷ୍ଠା ହୁଏ ନାହିଁ ।'

Download From www.Odiabook.co.in

୯. ବୈଷମ୍ୟମପି ସମ୍ପ୍ରାପ୍ତା ଗୋପାୟନ୍ତି କୁଳସ୍ତ୍ରିୟଃ ।
ଆତ୍ମାନମାତ୍ମନା ସତ୍ୟୋ ଜିତଃ ସ୍ୱର୍ଗୋ ନ ସଂଶୟଃ ॥

(୭୦/୮:୭୪/୨୫)

'ଉତ୍ତମ କୂଳର ସ୍ତ୍ରୀମାନେ ଖୁବ୍ ବଡ଼ ସଙ୍କଟ ପଡିଲେ ମଧ୍ୟ ସ୍ୱୟଂ ନିଜର ରକ୍ଷା କରନ୍ତି । ଏପରି କରି ସେମାନେ ସ୍ୱର୍ଗ ଓ ସତ୍ୟ ଦୁହିଁଙ୍କ ଉପରେ ବିଜୟ ଲାଭ କରନ୍ତି, ଏଥିରେ ଟିକିଏ ହେଲେ ସନ୍ଦେହ ନାହିଁ ।'

୧୦. ରହିତା ଭର୍ତୃଭିଶ୍ଚାପି ନ କ୍ରୁଧ୍ୟନ୍ତି କଦାଚନ ।
ପ୍ରାଣାଂଶ୍ଚାରିତ୍ରକବଚାନ୍ ଧାରୟନ୍ତି ବରସ୍ତ୍ରିୟଃ ॥

(୭୦/୯:୭୪/୨୬)

'ଶ୍ରେଷ୍ଠ ନାରୀମାନେ ନିଜର ପତିଙ୍କ ଦ୍ୱାରା ପରିତ୍ୟକ୍ତ ହେଲେ ମଧ୍ୟ କେଭେ କ୍ରୋଧ କରନ୍ତି ନାହିଁ । ସେମାନେ ସର୍ବଦା ସଦାଚାରରୂପୀ କବଚ ଦ୍ୱାରା ଆବୃତ ହୋଇ ପ୍ରାଣକୁ ଧାରଣ କରନ୍ତି ।'

୧୧. ଅସ୍ଥିରତ୍ୱଂ ଚ ସଂଚିନ୍ତ୍ୟ ପୁରୁଷାର୍ଥସ୍ୟ ନିତ୍ୟଦା ।
ତସ୍ୟୋଦୟେ ବ୍ୟୟେ ଚାପି ନ ଚିନ୍ତୟିତୁମର୍ହସି ॥

(୭୯/୧୨)

'ପୁରୁଷକୁ ପ୍ରାପ୍ତ ହେଉଥିବା ସମସ୍ତ ବିଷୟ ସର୍ବଦା ଅସ୍ଥିର ଏବଂ ବିନାଶଶୀଳ । ଏହା ବିଚାର କରି ସେଗୁଡିକର ଲାଭରେ ଓ ନଷ୍ଟରେ ଟିକିଏ ହେଲେ ଚିନ୍ତା କରିବା ଉଚିତ ନୁହେଁ ।'

୧୨. ବିଷମାବସ୍ଥିତେ ଦୈବେ ପୌରୁଷେଽଫଳତାଂ ଗତେ ।
ବିଷାଦୟନ୍ତି ନାତ୍ମାନଂ ସତ୍ତ୍ୱୋପାଶ୍ରୟିଣୋ ନରାଃ ॥

(୭୯/୧୪)

'ଯେବେ ଦୈବ (ପ୍ରାରବ୍ଧ) ପ୍ରତିକୂଳ ହୁଏ ଏବଂ ପୁରୁଷାର୍ଥ ନିଷ୍ଫଳ ହୋଇଯାଏ, ସେହି ସମୟରେ ମଧ୍ୟ ସତ୍ତ୍ୱଗୁଣର ଆଶ୍ରୟ ନେଉଥିବା ଲୋକମାନେ ନିଜ ମନରେ ଦୁଃଖ ଆଣନ୍ତି ନାହିଁ ।'

Download From www.Odiabook.co.in